୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.262 Bhubaneswar Saturday November 30 2024 | ୨୬ତମ ବର୍ଷ ସଂଖ୍ୟା-୨୬୨ ଭୁବନେଶ୍ୱର, ଶନିବାର, ନଭେମ୍ବର ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ପାର୍ଟି ଅଫିସରେ ୨ ଘଣ୍ଟା ରହିଲେ ପ୍ରଧାନମନ୍ତ୍ରୀ ମୋଦି: ବିଧାୟକ-ସାଂସଦଙ୍କୁ ଦେଲେ ଗୁରୁମନ୍ତ୍ର, ମିଶିକି କଲେ ଡିନର

ଭୁବନେଶ୍ୱର,୨୯।୧୧(ପି.ଏନ): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆଜି ସନ୍ଧ୍ୟାରେ ପ୍ରାୟ ୨ଘଣ୍ଟା ଧରି ରହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦଳର ବିଧାୟକ, ସାଂସଦ,ମନ୍ତ୍ରୀ ଓ ପଦାଧିକାରୀମାନଙ୍କୁ ଗୁରୁମନ୍ତ୍ର ଦେଲେ,ଆଉ ସମସ୍ତଙ୍କ ସହ ମିଶି ଡିନର (ରାତ୍ରିଭୋଜନ) ବି କଲେ । ବେଶ୍ ହାଲକା ଓ ସହଜ ଢଙ୍ଗରେ ଦଳୀୟ ନେତାମାନଙ୍କ ସହ କଥା ହେଲେ । ସମସ୍ତଙ୍କ ସୁଖଦୁଃଖ ପଚାରି ବୁଝିଲେ । ଆଉ ସାର୍ବଜନୀନ ଜୀବନରେ ରହିବା ପାଇଁ ଦେଲେ ଗୁରୁମନ୍ତ୍ର । ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସମୟ ବିତାଇବାପରେ ବେଶ୍ ଉତ୍ସାହିତ ହୋଇପଡିଛନ୍ତି ବିଜେପି ନେତା-ମନ୍ତ୍ରୀମାନେ ।ପ୍ରଧାନମନ୍ତ୍ରୀ ମୋଦି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରାୟ ୨ଘଣ୍ଟା ଧରି ଦଳର ବିଧାୟକ,ସାଂସଦ,ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀମାନଙ୍କ ସହ ସମୟ ବିତାଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କ ସହ ବିଭିନ୍ନ



ପ୍ରସଙ୍ଗରେ ଆଲୋଚନା କରିବା ସହ ରାତ୍ରିଭୋଜନ କରି ରାଜଭବନ ଫେରିଯାଇଛନ୍ତି । ପୁଲିସ ଡିଜି ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ଯାଇ ଦଳୀୟ ପଦାଧିକାରୀ,ବିଧାୟକ ଓ ସାଂସଦମାନଙ୍କୁ ଭେଟିଛନ୍ତି । କର୍ମକର୍ତ୍ତାଙ୍କ ଭଳି ସମସ୍ତଙ୍କ ସହ ମିଶିଥିଲେ । ନିଜ ମନକଥା କହିବା ସହ ଲୋକଙ୍କ ସେବା କରିବା ଉପରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟରେ ବିଜେପିର ସରକାର ଆସିଥିବାରୁ ଦଳୀୟ ପଦାଧିକାରୀ ଓ ନେତାମାନଙ୍କ ସହ ସମୟ ବିତାଇ ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ ଉତ୍ସାହିତ କରିଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ।

## ମାଓବାଦୀ କ୍ୟାମ୍ପ ଠାବ ସାଙ୍ଗକୁ ବିପୁଳ ସାମଗ୍ରୀ ଜବତ

ବୌଦ୍ଧ,ଭୁବନେଶ୍ୱର,୨୯।୧୧(ପି.ଏନ): ବୌଦ୍ଧ ମନମୁଣ୍ଡା ଥାନା କନାଗୁଡା ନିକଟ ଜଙ୍ଗଲରେ ମାଓ କ୍ୟାମ୍ପ ଠାବ କରିଛି ପୋଲିସ । ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି । ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ୍ କରାଯାଉଥିବାବେଳେ ମାଓବାଦୀଙ୍କ କ୍ୟାମ୍ପ ମିଳିଥିବା ସୂଚନା । ୨୩୦ ଜିଲୋଟିନ୍ ସମେତ ଅନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଲିସକୁ ମିଳିଥିବା କହିଛନ୍ତି ଏସପି ନାଗରାଜ ଦେବରକୋଣ୍ଡା ।



## ବାପରେ ଏତେ ରୁପା ! କାରରୁ ୮୮ କେଜିର ରୁପା ଜବତ, ୨ଜଣଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର,୨୯।୧୧(ପିଏନ):ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ନେଇ ଗତ ଦୁଇ ଦିନ ଧରି ଖଲ୍ଲିକୋଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ବିଭିନ୍ନ ଅପରାଧିକ ମାମଲା ଓ ବେପରୁଆ ଗାଡ଼ି ଚାଳନାକୁ ନଜର ରଖି ବିଭିନ୍ନ ସ୍ଥାନରେ ଯାନବାହନକୁ ଅଟକାଇ ଯାଞ୍ଚ କରାଯାଉଛି । ଆଜି ପୋଲିସ ଖଲ୍ଲିକୋଟ କେଶପୁର ନିକଟରେ ଯାଞ୍ଚ କରୁଥିବା ବେଳେ ୮୮ କେଜିରୁ ଅଧିକ ରୂପା ଜବତ କରାଯାଇଛି ।ବ୍ରହ୍ମପୁର ଠାରୁ କଲିକତା ଅଭିମୁଖେ ଯାଉଥିବା ଗୋଟିଏ କାରରୁ ୭୩ ଟି ରୂପା ଇଟା ସହିତ ନଗଦ ପାଞ୍ଚ ଲକ୍ଷ ୪୨ ହଜାର ୬୦୦ଟଙ୍କା ଜବତ କରିଛି ଖଲ୍ଲିକୋଟ ପୋଲିସ । ଯାହାର କି ଆନୁମାନିକ ମୂଲ୍ୟ ୭୫ ଲକ୍ଷ



ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି । ଖଲ୍ଲିକୋଟ ପୋଲିସ୍ କାରକୁ ଜବତ କରିବା ସହିତ କାର ଭିତରେ ଥିବା ରୂପା ଚାଲାଣକାରୀଙ୍କୁ ଗିରଫ କରିଛି । ତେବେ ଗିରଫ ବ୍ୟକ୍ତି ହେଲେ କଲିକତା ହୁଗୁଳି ଅଞ୍ଚଳର ଅରୂପ ଭୂୟାଁ ଓ ପଶ୍ଚିମବଙ୍ଗ ଭୁଦେବ ଚୌକ ଅଞ୍ଚଳର ଉଦିପ ସାଙ୍କି । ତେବେ ଏତି ପରିବାରର ରୁପା ଏବଂ ଟଙ୍କାନେଇ କୁଆଡେ ଯାଉଥିଲେ ତାହା ଜଣାପଡି ନାହିଁ । ପୋଲିସ ଥାନାରେ ଉଭୟଙ୍କୁ ପଚରାଉଚରା ଜାରି ରଖିଛି । ତେବେ ପ୍ରାରମ୍ଭିକ ସୂଚନା ଅନୁସାରେ, ଜିଏସଟି ଫାଙ୍କିବା ପାଇଁ ଏଭଳି କରାଯାଉଥିବା ଜଣାପଡିଛି । ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ ।

## ଦିଦି ବନ୍ଦ କଲେ ଆଳୁ: ଗୋଟିଏ ଦିନରେ ବଢ଼ିଲା ୧୦ ଟଙ୍କା, ଆଗକୁ ସ୍ଥିତି ହେବ ଅସମ୍ଭାଳ

ଭୁବନେଶ୍ୱର,୨୯।୧୧(ପି.ଏନ): ପୁଣି ଟେନସନ୍ ଦେଲା ଆଳୁ । ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ରପ୍ତାନୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ଦେବା ପରେ ଏବେ ରାଜ୍ୟରେ ସ୍ଥିତି ବିଗିଡିବାରେ ଲାଗିଛି । ଗତକାଲି ଆଳୁ କିଲୋପ୍ରତି ଖୁଚୁରା ଦର ୩୦ ଟଙ୍କା ଥିବା ବେଳେ ଆଜି ୪୦ ଟଙ୍କାରେ ପହଞ୍ଚିଛି । ହୁଏତ କାଲିକୁ ୫୦ ଛୁଇଁପାରେ ବୋଲି କହିଛନ୍ତି ବ୍ୟବସାୟୀ । ଆଜି ଉତ୍ତର ପ୍ରଦେଶରୁ କିଛି ଆଳୁ ଆସିଛି । ହେଲେ ପଶ୍ଚିମବଙ୍ଗରୁ ଆଳୁ ନଆସିଲେ ଦୋକାନ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ବ୍ୟବସାୟୀ । ସେପଟେ ଏନେଇ ସରକାରଙ୍କ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ବେଳେ ମନ୍ତ୍ରୀ କହୁଛନ୍ତି ସରକାର ବ୍ୟବସ୍ଥା କରୁଛନ୍ତି । ପଶ୍ଚିମବଙ୍ଗ ଆଳୁ ନ ଦେଲେ ଅଣାୟତ ହୋଇଯିବ ସ୍ଥିତି । ହାତ ଟେକି ଦେଲା ବ୍ୟବସାୟୀ ମହାସଂଘ । ଗତ ସରକାରରେ ଭରସା ଥିଲା, ଏ ସରକାରରେ ଭରସା ପାଉନି । ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ବନ୍ଦ କରି ଦେବା ପରେ ଏବେ ରାଜ୍ୟରେ ହୁ ହୁ ହୋଇ ବଢୁଛି ଆଳୁ ଦର ।

## ତାମିଲନାଡୁରେ ବାତ୍ୟା, ଓଡିଶାରେ ୨ ଯାଏଁ ବର୍ଷା !

ଭୁବନେଶ୍ୱର,୨୯।୧୧(ପି.ଏନ): ତାମିଲନାଡୁରେ ବାତ୍ୟା 'ଫେଙ୍ଗଲ' ଲ୍ୟାଣ୍ଡଫଲ୍ ? ପାଇଁ ପ୍ରକ୍ରିୟା ଆରମ୍ଭ କଲାଣି । ତା'ପୂର୍ବରୁ ଦେଖାଇଲାଣି କୋପ । ଏହାର ପ୍ରଭାବ କିନ୍ତୁ ଓଡିଶାରେ ଦେଖିବାକୁ ମିଳିଲାଣି । ତାମିଲନାଡୁରେ ବାତ୍ୟା ଲ୍ୟାଣ୍ଡଫଲ୍ ? କରିବା ପୂର୍ବରୁ ଉପକୂଳ ଓଡିଶାରେ ଝିପିଝିପି ବର୍ଷା ବର୍ଷା ସହ କୋହଲା ପାଗ କରିଛି । ଓଡିଶାରେ ଏପରି ପାଗ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ରାଜ୍ୟରେ ହାଲ୍ ?କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷ କରି ଉପକୂଳ ଓଡିଶା



ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, କଟକ, ଯାଜପୁର, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ । ଏଥିସହ ପାଗ ମେଘୁଆ ରହିବାର ସମ୍ଭାବନା ରହିଛି ।

## ୧୦ ଦିନ ଭିତରେ ଆସିପାରେ ପିସିସି ସଭାପତିଙ୍କ ନାଁ !

ଭୁବନେଶ୍ୱର,୨୯।୧୧(ପି.ଏନ): ଝାଡଖଣ୍ଡ ଓ ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ପ୍ରକାଶ ପରେ ଜୋର ଧରିଲା ରାଜ୍ୟ କଂଗ୍ରେସର ମଙ୍ଗୁଆଳ ଚିନ୍ତା । ୧୦ ଦିନ ଭିତରେ ପିସିସି ସଭାପତିଙ୍କ ନାଁ ହାଇକମାଣ୍ଡ ଘୋଷଣା କରିବେ ବୋଲି କଂଗ୍ରେସର ବରିଷ୍ଠ ନେତା ଓ ବିଧାୟକମାନେ ଆକଳନ କରିଛନ୍ତି । ସାଂଗଠନିକ ଦକ୍ଷତା ଓ ସମସ୍ତଙ୍କୁ ନେଇ ଚଳିପାରୁଥିବା ନେତା ହିଁ ପିସିସି ସଭାପତି ମୁକୁଟ ପିନ୍ଧିବେ । ଏଆଇସିସିର ୨ ଜଣ ପର୍ଯ୍ୟବେକ୍ଷକ ଓ ଓଡିଶା ନେତାଙ୍କ ମତାମତ ଅନୁସାରେ ହାଇକମାଣ୍ଡ ନୂଆ ସଭାପତିଙ୍କ ନାଁ ଘୋଷଣା କରିବେ ବୋଲି ଆଶା କରିଛି କଂଗ୍ରେସ ।ନଭେମ୍ବର ୪ ତାରିଖରେ ଏଆଇସିସିର ଦୁଇ ଜଣ ପର୍ଯ୍ୟବେକ୍ଷକ ଚରଣ ଦାସ ମହନ୍ତ ଓ ମିନାକ୍ଷୀ ନଟରାଜନ ଓଡିଶା ଆସି କିଏ ହେବ ପରବର୍ତ୍ତୀ ପିସିସି ସଭାପତି ସେ ନେଇ ପ୍ରକ୍ରିୟା ଆରମ୍ଭ କଲେ । କଂଗ୍ରେସର ୨୧ ଜଣ ଷ୍ଟିୟରିଂ କମିଟି ସଦସ୍ୟ, ବିଧାୟକ, ସାଂସଦ, ଓ ଜିଲ୍ଲାସଭାପତିମାନଙ୍କ ସହ ବୈଠକ କରି କାହାକୁ ପିସିସି ସଭାପତି କରାଯିବ ସେନେଇ ମତାମତ ନେଲେ । ୫ ମାସ ଧରି ମଙ୍ଗୁଆଳ ଶୂନ୍ୟ ଥିବା ଓଡିଶା କଂଗ୍ରେସକୁ କିଏ ସଞ୍ଜୀବନୀ ଦେଇ ପାରିବ ସେ ନେଇ କସରତ ଆରମ୍ଭ କଲେ । ପୂର୍ବ ସୂଚନା ଅନୁଯାୟୀ ଝାଡଖଣ୍ଡ ଓ ମହାରାଷ୍ଟ୍ର ନିର୍ବାଚନ ପରେ ନୂଆ ପିସିସି ସଭାପତି କିଏ ହେବ ସେ ନେଇ ଚର୍ଚ୍ଚା ଜୋରଦାର ହୋଇଛି ।କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ୧୦ ଦିନ ଭିତରେ ହାଇକମାଣ୍ଡ ପିସିସି ସଭାପତିଙ୍କ ନାଁ ଘୋଷଣା କରିବେ ।

## ଆଜି ଭୁବନେଶ୍ୱରରେ ହାଫ୍ ଡେ' ସ୍କୁଲ୍



ଭୁବନେଶ୍ୱର,୨୯।୧୧(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଆଜି ହାଫ୍ ଡେ' ସ୍କୁଲ । ଭୁବନେଶ୍ୱରରେ ଆଜି ଦିନ ଗୋଟାଏ ଯାଏଁ ଖୋଲା ରହିବ ସବୁ ସ୍କୁଲ୍ । ଦିନ ଗୋଟାଏ ପରେ ସବୁ ସ୍କୁଲ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଏହି ଘୋଷଣା କରାଯାଇଛି । ଟ୍ରାଫିକ କଟକଣା ଯୋଗୁ ଯାତାୟତ କରିବାରେ ପିଲାମାନେ ଅସୁବିଧାରେ ସମ୍ମୁଖୀନ ହେବେ । ଏହି ଆଶଙ୍କାରେ ଆଜି ହାଫ୍ ଡେ' ସ୍କୁଲ କରାଯିବା ପାଇଁ ଘୋଷଣା ହୋଇଛି ।

## ୩ଦିନିଆ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି, କହିଲେ ଆମର ଲକ୍ଷ୍ୟ ବିଶ୍ୱ ମାନଚିତ୍ରରେ ଓଡିଶାକୁ ମିଳୁ ପ୍ରାଥମିକତା

ଭୁବନେଶ୍ୱର,୨୯।୧୧(ପି.ଏନ): ଓଡିଶାକୁ କେବଳ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ମିଳୁ । ସେଥିପାଇଁ ଏଠାରେ ଜି-୨୦ ସମ୍ମିଳନୀଠୁ ଆରମ୍ଭ କରି ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ, ପୁଲିସ ଡିଜି ସମ୍ମିଳନୀ ଓ ନୌସେନା ଦିବସ ଆଦିର ଆୟୋଜନ କରାଯାଉଛି । ଏହା ଓଡିଶାକୁ ଦିଆଯାଉଥିବା ପ୍ରାଥମିକତାର ପ୍ରମାଣ । ପୁଲିସ ଡିଜି ସମ୍ମିଳନୀରେ ଯୋଗ ଦେବାକୁ ଆଜିଠୁ ୩ଦିନିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।ନିର୍ଦ୍ଧାରିତ ସମୟରେ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦର ପହଂଚିବା ପରେ ସେଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପ୍ରଧାନମନ୍ତ୍ରୀ ମୋଦି ଉଦବୋଧନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଜୟ ଜଗନ୍ନାଥ' କହି ନିଜର ଓଡିଆ ଭାଷାରେ ଆରମ୍ଭ କରିଥିଲେ । ପ୍ରଭୁ ଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ଆଜି ସୁଯୋଗ ମିଳିଛି । ମହାପ୍ରଭୁ



ଜଗନ୍ନାଥଙ୍କ ପାଖରେ ପ୍ରଣାମ କରୁଛି । ବିମାନବନ୍ଦରରେ ଏତେ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଓ ଏଭଳି ଭଲପାଇବା ଦେଇଥିବାରୁ ମୁଁ କୃତଜ୍ଞ । ମହାରାଷ୍ଟ୍ର ଓ ହରିଆଣା ବିଧାନସଭା ନିର୍ବାଚନ ଓ ଦେଶରେ ବିଭିନ୍ନ ଉପନିର୍ବାଚନର ପରିଣାମ ସମଗ୍ର ଦେଶର ଲୋକଙ୍କ ମଧ୍ୟରେ କିଭଳି ଏକ ବିଶ୍ୱାସ ସୃଷ୍ଟି କରିଛି ତା'ର ଚମକ,ଖୁସି, ଆଗ୍ରହ ଓ ଉତ୍ସାହ ଏଠି ଉପସ୍ଥିତ ଲୋକଙ୍କ ମଧ୍ୟରେ ଅନୁଭବ କରୁଛି । ଓଡିଶାରୁ ଏହାର ଆରମ୍ଭ ହୋଇଥିଲା । ହରିଆଣା ଓ ମହାରାଷ୍ଟ୍ରରେ ବି ଦେଖିବାକୁ ମିଳିଲା । ଏହା ହିଁ ବିଜେପିର ବିଶେଷତ୍ୱ ଓ ଆମ ଦଳର କର୍ମୀମାନଙ୍କର ସାମର୍ଥ୍ୟ । ବିରୋଧୀ ଦଳ ସବୁବେଳେ ବିଜେପି ସରକାର ବିରୁଦ୍ଧରେ ଅପପ୍ରଚାର କରୁଛି । କିନ୍ତୁ ଲୋକେ ଆଶୀର୍ବାଦ ଦେଉଛନ୍ତି ।ସେ କହିଥିଲେ ଯେ, ଦେଶରେ ପ୍ରାୟ ଶହେ ବର୍ଷ ଧରି ପୁଲିସ ଡିଜି ସମ୍ମିଳନୀ ହେଉଛି । କିନ୍ତୁ ଓଡିଶାରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଛି । ଆଉ ୪ଦିନ ପରେ ପୁରୀରେ 'ନୌସେନା ଦିବସ' ପାଳନ କରାଯିବ । ପୁରୀ ବ୍ଲୁଫ୍ଲାଗ ବେଳାଭୂମିରେ ଏହି ଆୟୋଜନ ହେବ । ଏହା ଅର୍ଥ ଓଡିଶା ସମଗ୍ର ବିଶ୍ୱରେ କେନ୍ଦ୍ରବିନ୍ଦୁ ରହିବ । ଆଉ ଜାନୁୟାରୀ ମାସରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ । ଜି-୨୦ରେ ଭିନ୍ନ ପ୍ରକାରର ଲୋକେ ଆସିଥିଲେ । ଏବେ ବିଦେଶରେ ରହୁଥିବା ଆମ ଲୋକେ ଆସିବେ । ପର୍ଯ୍ୟଟନର ସୁଯୋଗ ବ ?ିବ । ଓଡିଶାକୁ ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ଦେବାକୁ ଚାହୁଁଛୁ । ପ୍ରବାସୀ ଭାରତୀୟ ଦିବସର ଆୟୋଜନ ଶାନଦାର ଢଙ୍ଗରେ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଥିଲେ । ଓଡିଶାର ପ୍ରତ୍ୟେକ ଲୋକ ଅନୁଭବ କରିବା ଦରକାର ଯେ, ବିଶ୍ୱର ଲୋକମାନେ ତାଙ୍କ ଘରକୁ ଆସୁଛନ୍ତି ଓ ସେଭଳି ପ୍ରସ୍ତୁତି କରିବାକୁ ସେ ଆହ୍ୱାନ କରିଥିଲେ । ଆମେ ସମସ୍ତେ ମିଶି ଓଡିଶାର ଗୌରବ ବୃଦ୍ଧି କରିବା । ଡବଲ ଇଞ୍ଜିନ ସରକାରର ସୁଫଳ ମିଳିବା ଆରମ୍ଭ ହୋଇଛି । ବିକାଶର ଗତି ଅଭୂତପୂର୍ବ । ରାଜ୍ୟର ବିଜେପି ସରକାର ଏଠାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉପରେ ଗୁରୁତ୍ୱ ଦେଉଛି ।ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ନିର୍ବାଚନର କିଛିମାସ ପୂର୍ବରୁ ବଡବଡ ରାଜନୀତିକ ପଣ୍ଡିତମାନେ ଓଡିଶାରେ ବିଜେପିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରୁଥିଲେ । ଓଡିଶାରେ ବିଜେପି ଏତେବଡ ଶକ୍ତି ନୁହେଁ ଯେ, ରାଜ୍ୟରେ ଏକାକୀ ସରକାର ଗଢ଼ିବ । କିନ୍ତୁ ଫଳାଫଳ ଆସିବାପରେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ଓଡିଶାର ଲୋକେ ବିଜେପିର କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ସ୍ୱୀକାର କରିଥିଲେ ଓ ବିଗତ ୧୦ବର୍ଷ ମଧ୍ୟରେ ଗାଁ ଗାଁ ଓ ଘରେଘରେ ଲୋକଙ୍କ ପାଖରେ କେନ୍ଦ୍ର ସରକାରଙ୍କ ଯୋଜନା ପହଂଚାଇବା ପାଇଁ କ୍ରମାଗତ କାର୍ଯ୍ୟ କରୁଥିଲୁ । ଏଠି ଆମ ଯୋଜନାର ନାଁ ପରିବର୍ତ୍ତନ କରିଦିଆଯାଉଥିଲା । ତଥାପି ଆମେ କାମ କରି ଚାଲିଥିଲୁ । କେନ୍ଦ୍ର ସରକାର ବା ମନ୍ତ୍ରିମଣ୍ଡଳରେ ଓଡିଆଙ୍କ ପ୍ରତିନିଧିତ୍ୱ ଯେତିକି ଏବେ ଅଛି ତାହା ପୂର୍ବରୁ କେବେ ନଥିଲା । ଓଡିଶା ପାଇଁ ବଜେଟ ପରିମାଣକୁ ୩ଗୁଣ କରିଥିଲୁ । କିଛି ଭେଦଭାବ କରିନଥିଲୁ । ସେଥିପାଇଁ ଓଡିଶାର ଲୋକେ ବିଜେପିକୁ ବିଶ୍ୱାସ କଲେ ଓ ଆଶୀର୍ବାଦ ଦେଲେ । ଆମର ଭାବ ଏତେ ସୁଦୃଢ଼ ଥିଲା ଯେ ଭାଷାଠୁ ବି ତାହା ବଳିଯାଇଥିଲା ।

## ଶିଶୁ ପୁତ୍ର କାହାର ? ନାବାଳିକାର ନା ମହିଳାଙ୍କର; ସତ କିଏ କହୁଛନ୍ତି ?



ଭୁବନେଶ୍ୱର,୨୯।୧୧(ପି.ଏନ):ଚର୍ଚ୍ଚାରେ ଶିଶୁ ପୁତ୍ର । ପ୍ରକୃତରେ ଶିଶୁ ପୁତ୍ରର ମାଆ କିଏ ? ନାବାଳିକା ନା ମହିଳାଙ୍କର । ଅଙ୍ଗନବାଡି କର୍ମୀଙ୍କ ଅଭିଯୋଗ ପରେ ତତ୍ପର ହୋଇଛି ରାୟଗଡା ଜିଲ୍ଲା ପ୍ରଶାସନ । ନବାଳିକା ମାଆ ଚୁପ୍ ଥିବା ବେଳେ ମହିଳା ଜଣକ କହିଛନ୍ତି, ଛୁଆ ମୋର । ମୋ ଗର୍ଭରୁ ଜନ୍ମ ହୋଇଛି । ମମତା ଓ ମାତୃତ୍ୱର ଅତୁଟ ବନ୍ଧନରେ ଜଣେ ମାଆ ଛନ୍ଦି ହୋଇପଡିଥିବା ବେଳେ ମାମଲାର ଯାଞ୍ଚ କରୁଥିବା ପ୍ରଶାସନ ଅସହାୟ ପ୍ରକାଶ କରିଛି । ତଥାପି ସୁରକ୍ଷା ଦୃଷ୍ଟିରୁ ଶିଶୁ ପୁତ୍ରକୁ ଉଦ୍ଧାର କରି ଉଡଉରେ ରଖିଛନ୍ତି ।ଅଙ୍ଗନବାଡି କର୍ମୀ କରିଥିବା ଅଭିଯୋଗ ଅନୁସାରେ ଟାସିଙ୍ଗ ଥାନା ଅଞ୍ଚଳର ୧୬ ବର୍ଷୀୟା ନାବାଳିକା ଗର୍ଭବତୀ ଥିଲେ । ତାଙ୍କ ନାଁ ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜିକୃତ ହୋଇଥିଲା । ଜଣେ ଗର୍ଭବତୀ ହିସାବରେ ରାଜ୍ୟ ସରକାରଙ୍କ ସବୁ ଯୋଜନାର ଲାଭ ପାଇଥିଲେ ନାବାଳିକା । ମାର୍ଚ୍ଚ ୧୫ ତାରିଖରେ ନବାଳିକା ନିଜ ଘରେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ତାହାର ରେକର୍ଡ ମଧ୍ୟ ଅଙ୍ଗନବାଡି କର୍ମୀଙ୍କ ପାଖରେ ପହଞ୍ଚିଥିଲା । ତେବେ ହଠାତ୍ ? ଛୁଆ ଗାଏବ ହୋଇଯାଇଥିଲା । ଅଙ୍ଗନବାଡି କର୍ମୀ ଯାଞ୍ଚ କରିବାରୁ ଜଣାପଡିଲା ନାବାଳିକାଙ୍କ ପରିବାର ଲୋକେ ନବଯାତଙ୍କୁ ଡମ୍ଭସରା ପଞ୍ଚାୟତର ଭୁଲସୁଣ୍ଡା ଗାଁର ଏକ ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ଭାବେ ପ୍ରଦାନ କରିଛନ୍ତି ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ



ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆଇସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆଇସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷୀୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ବରପୁତ୍ରଙ୍କ ଜନ୍ମମାଟି: ବାଗ୍ମୀ ବିଶ୍ୱନାଥ କରଙ୍କ ଗାଁ ମୂଳବସନ୍ତ



ଓଡ଼ିଶାର ସୃଜନଶୀଳ ସାହିତ୍ୟ ଓ ଭାଇଚାରା ବନ୍ଧନୀ ଭିତରେ ବଡ଼ ମୁଲକ ହେଉଛି ମୂଳବସନ୍ତ ଗ୍ରାମ। ଏହି ଗ୍ରାମରେ ବରପୁତ୍ରଙ୍କ ଜନ୍ମମାଟି ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିଛି ଏବଂ ସବୁଠାରୁ ବଡ଼ କଥା ହେଉଛି ଏହି ଅଞ୍ଚଳର ଜନନେତା, ଲୋକପ୍ରତିନିଧି ଓ ଗାଁ ମାଟିର ପୁଅ ମନ୍ତ୍ରୀ ପ୍ରତାପ ଜେନା ନବୀନବାବୁଙ୍କ ସ୍ୱଚ୍ଛ ଶାସନର ଉତ୍ତରଦାୟିତ୍ୱ ରଖିବା ସହ ସମସ୍ତ ନିଷ୍ଠା ପାଳନ କରୁଛନ୍ତି ଏହା କମ ବଡ଼ କଥା ନୁହେଁ। ଓଡ଼ିଶା ସାହିତ୍ୟ ଓ ସାଂସ୍କୃତିକ ଚେତନାର ପ୍ରଜ୍ଞାପୀଠ କଟକ ଜିଲ୍ଲାରେ ମାହାଙ୍ଗାର ଅନେକ ସାହିତ୍ୟିକ, ଲେଖକ ଓ କବି ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ ଓ ରୁଚିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକ ମୂଳବସନ୍ତ ଗ୍ରାମର ସଂସ୍କାରକ ବାଗ୍ମୀ ବିଶ୍ୱନାଥ କର ଅନ୍ୟତମ। ୧୮୬୪ ଡିସେମ୍ବର ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ସେ। ନାରାୟଣଚନ୍ଦ୍ର କର ଓ ବୈଦେହୀଙ୍କ ବଡ଼ ପୁଅ ବିଶ୍ୱନାଥ ଗ୍ରାମ ଚାଟଶାଳୀରେ ଅବଧାନଙ୍କ ଠାରୁ ବାଲ୍ୟ ଶିକ୍ଷା ଗ୍ରହଣ କରଥିଲେ। ଏହାପରେ ନିକଟସ୍ଥ ଭାକୁଡ଼ ଗ୍ରାମ ସଂସ୍କୃତ ପାଠଶାଳା ଓ ପରେ କୁଆଁପାଳର ମଧ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୮୮୨ ମସିହାରେ ଉଚ୍ଚଶିକ୍ଷା ପାଇଁ ସେ କଟକ ପ୍ୟାରୀମୋହନ ଏକାଡେମୀରେ ନାମ ଲେଖାଇଥିଲେ। ସେଠାରେ ଜଣେ ଶିକ୍ଷକଙ୍କ ଆଚରଣର ପ୍ରତିବାଦ କରି ବିଶ୍ୱନାଥ ମିସନ ସ୍କୁଲରେ ପାଠ ପଢ଼ିଥିଲେ। ମିସନ ସ୍କୁଲରେ ସେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଅସଫଳ ହେବାରୁ ୧୮୮୫ ମସିହାରେ ସେ ବିଦ୍ୟାଳୟ ପରିତ୍ୟାଗ କରିଥିଲେ। ଏହା ସହିତ ତାଙ୍କ ଶିକ୍ଷାରେ ଡୋରି ବନ୍ଧା ହୋଇଥିଲା। ତେବେ ଅଧ୍ୟୟନ ସମୟରେ ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ବ୍ୟକ୍ତିତ୍ୱ, ସତ୍ୟନିଷ୍ଠ ଆଚରଣ ତାଙ୍କୁ ଅନୁପ୍ରାଣୀତ କରିଥିଲା। ଏହି ସମୟରେ ସେ ଭକ୍ତକବି ମଧୁସୂଦନଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ମଧୁସୁଦନ ରାଓ, ସାଧୁଚରଣ ରାଏ, ଚତୁର୍ଭୁଜ ପଟ୍ଟନାୟକଙ୍କ ସହ ବ୍ରହ୍ମ ସମାଜର ପ୍ରମୁଖ ବ୍ୟକ୍ତିଙ୍କ ସଂସ୍କାରଧର୍ମୀ କାର୍ଯ୍ୟରେ ବିଶ୍ୱନାଥ ଅନୁପ୍ରାଣିତ ହୋଇଥିଲେ। କିଛିବର୍ଷ ସେ ଜଗତ୍‌ସିଂହପୁର ଓ କଟକରେ ଶିକ୍ଷକତା କରିବା ସହ ସମାଜ ସଂସ୍କାର କାର୍ଯ୍ୟ କରିଥିଲେ। ୧୮୯୭ ମସିହାରେ ବିଶ୍ୱନାଥ ଉତ୍କଳ ସାହିତ୍ୟ ନାମକ ପତ୍ରିକା ପ୍ରକାଶ କରିବା ସହ ଏହାର ପ୍ରତିଷ୍ଠାତା ସମ୍ପାଦକ ହୋଇଥିଲେ। ପରେ ସେ ଉତ୍କଳ ସାହିତ୍ୟ ପ୍ରେସ ସ୍ଥାପନ କରଥିଲେ। ସମାଲୋଚକ, ସୁସାହିତ୍ୟିକ, ସୁବକ୍ତା ଓ ପ୍ରାବନ୍ଧିକ ଭାବେ ବିଶ୍ୱନାଥ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ଦ୍ୱାରା ରଚିତ ବିବିଧ ପ୍ରବନ୍ଧରେ ଅନେକ ପ୍ରବନ୍ଧ ସ୍ଥାନିତ ହୋଇଥିଲା। ବିଶ୍ୱନାଥଙ୍କ ବହୁମୁଖୀ ପ୍ରତିଭାକୁ ଦେଖି ଇଂରେଜ ସରକାର ତାଙ୍କୁ ‘ରାୟ ସାହେବ’ ଉପାଧି ପ୍ରଦାନ କରିଥିଲେ। ମାତ୍ର ସେ ଏହି ଉପାଧିକୁ ପ୍ରତ୍ୟାଖ୍ୟାନ କରିଥିଲେ। ସମାଜର କୁସଂସ୍କାର ଦୂର କରିବା ପାଇଁ କାର୍ଯ୍ୟ କରିବା ସହିତ ପତ୍ରିକା ମାଧ୍ୟମରେ ସେ ଏହାର କଡ଼ା ସମାଲୋଚନା କରୁଥିଲେ। ଏହି ମହାମନିଷୀଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କ ଜନ୍ମମାଟିରେ ବାଗ୍ମୀ ବିଶ୍ୱନାଥ ବିଦ୍ୟାନିକେତନ ନାମରେ ଏକ ଉଚ୍ଚବିଦ୍ୟାଳୟ ସ୍ଥାପନ କରାଯାଇଛି। ଜନ୍ମପୀଠ ‘ମୂଳବସନ୍ତ’ ଗ୍ରାମ ନାମରେ ପଞ୍ଚାୟତର ନାମକରଣ କରାଯାଇଛି। ଏହି ଗାଁର ଜନସଂଖ୍ୟା ଦୁଇ ହଜାରରୁ ଅଧିକ। ସରକାରଙ୍କ ସ୍ୱଚ୍ଛ ପ୍ରଶାସନ ପାଇଁ ଏଠାରେ ରାସ୍ତାଘାଟ ଠିକ୍ ରହିଛି ଏବଂ ପ୍ରତି ଗାଁକୁ ପାନୀୟ ଜଳ ପ୍ରକଳ୍ପରେ ପାଇପ ବିଛା ଯାଇଛି। ଏଠାରେ ପ୍ରଧାନଶିକ୍ଷକ ଥିଲେ ମଧ୍ୟ ଅନ୍ୟ ଏକ ବିଦ୍ୟାଳୟରୁ ସପ୍ତାହରେ ତିନି ଦିନ ଶିକ୍ଷାଦାନ ପାଇଁ ଯାଉଛନ୍ତି। ବିଦ୍ୟାଳୟରେ ଅନ୍ୟ ତିନଟି ବିଷୟର ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟର ତିନିଟି ପିଅନ ପଦ ଖାଲି ଥିବାରୁ ବିଭିନ୍ନ କାର୍ଯ୍ୟରେ ସମସ୍ୟା ଦେଖାଯାଉଛି। ଏହାଛଡ଼ା ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶୌଚାଳୟ ନଥିବାରୁ ଛାତ୍ରଛାତ୍ରୀ ଅସୁବିଧାରେ ପଡୁଛନ୍ତି। ବିଦ୍ୟାଳୟ ପରିସର ଓ ନିକଟସ୍ଥ ଖେଳ ପଡ଼ିଆରୁ ଠିକ୍ ଭାବେ ଜଳ ନିଷ୍କାସନର ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷା ହେଲେ ଛାତ୍ରଛାତ୍ରୀ ଦୁର୍ଦ୍ଦଶା ଭୋଗିବା ସହ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ଭାଇଚାରା ଭିତରେ ରାଜନୀତି ବଡ଼ କଥା ନୁହେଁ ଆମେ ସମସ୍ତେ ହେଉଛି ଅମୃତର ସନ୍ତାନ ଏବଂ ଆମ ଗାଁ ମାଟି ମୂଳକ ପାଇଁ ସାମଗ୍ରୀକ ଭାବେ ଯେତିକି ପାରିବା ଅବଦାନ ରଖିବା ଏହା ହିଁ ହେବ ଆମ ମାଆ ମାଟି ମୂଳକ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

# ଜିଲ୍ଲା କଂଗ୍ରେସର ଜରୁରୀ ବୈଠକ

ରାଉରକେଲା (ପିଏନ୍): ଜିଲ୍ଲା କଂଗ୍ରେସ ସଭାପତି ଦଳ ଛାଡିବା ପରେ ସମ୍ପ୍ରତି ଜିଲ୍ଲା କଂଗ୍ରେସର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସର ଏକ ଜରୁରୀ ବୈଠକରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ କମିଟିର କର୍ମକ ୍ର, ପିସିସି ସଭ୍ୟ, ବ୍ଲକ୍ କଂଗ୍ରେସ ସଭାପତି ବୃନ୍ଦ ତଥା ବିଭିନ୍ନ ସାମ୍ମୁଖ୍ୟ ଓ ବିଭାଗର ମୁଖ୍ୟମାନେ ନୂତନ ଜିଲ୍ଲା କଂଗ୍ରେସ ସଭାପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ବରିଷ୍ଠ ଉପସଭାପତି ଶ୍ରୀ ବିହାରୀ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବାକୁ ନିଷ୍ପ ି ନେଇଛନ୍ତି । ପିସିସି ସଭାପତିଙ୍କ ସହ ଆଲୋଚନା କରାଯାଇ ଏହି ନିଷ୍ପ ି ନିଆଯାଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ରାଉରକେଲା ଓ ରଘୁନାଥପାଲ୍ଲୀର ଦୁଇ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସର କର୍ମକ ୍ରମାନେ ଶ୍ରୀ ବିହାରୀଙ୍କୁ ଏଥିରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିବେ ବୋଲି କୁହାଯାଇଛି । ଏହି ବୈଠକରେ ଯେଉଁ କଂଗ୍ରେସ କର୍ମକ ୍ରମାନେ ଅଦ୍ୟାବଧି ସଭ୍ୟ ସଂଗ୍ରହ ପୁସ୍ତିକା ସଭ୍ୟ ସଂଗ୍ରହ ପରେ ଦାଖଲ କରିନାହାନ୍ତି ସେମାନେ ତୁରନ୍ତ ସେଗୁଡିକୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପହ ୍ସଭ୍ୟ ସଂଗ୍ରହ ଦାୟିତ୍ୱରେ ଥିବା ଅନ୍ୟତମ ଉପସଭାପତି ସନ୍ତୋଷ ବିଶ୍ୱାଳଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ରାଉରକେଲାର ବିଭିନ୍ନ ସମସ୍ୟାକୁ ନେଇ ବୈଠକରେ ଆଲୋଚନା କରାଯିବା ସହିତ ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସ କମିଟି ତରଫରୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ପୂର୍ବପରି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବୈଠକରେ ନିଷ୍ପ ି ଗ୍ରହଣ କରାଯାଇଛି । ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ସାଧାରଣ ସମ୍ପାଦକ ଶଙ୍କର ଅଗ୍ରୱାଲ ଓ ତୁଳସୀ ନାଗ, ରାଜେଶ ଟପ୍ପୋ, ମୁଖପାତ୍ର କୈଳାସ ସାହୁ ଓ ଗିରିଜା ଶଙ୍କର ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ବ୍ଲକ୍ କଂଗ୍ରେସ ସଭାପତି ଜାଫୁର ନୁମାନ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ପ୍ରତାପ ବେହେରା, ରଘୁନାଥ ଦାସ, ବିଜୟ ଆପଟ, ରାଜେନ୍ଦ୍ର ରଜାକ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ଜିଲ୍ଲା କଂଗ୍ରେସ ସମ୍ପାଦକ ସୁନୀଲ ସିଂ, ପ୍ରତିମା ପାଣିଗ୍ରାହୀ, କଳ୍ପତରୁ ପଣ୍ଡା, ରତିକାନ୍ତ ମଲ୍ଲିକ, ରୁକସାନା ବେଗମ, ବରିଷ୍ଠ ନେତା ବିନୋଦ ପଟ୍ଟନାୟକ, ରେହେମାନ ଖାନ, ଦିଲ୍ଲୀପ ଜେନା, ଝୁନୁ ପଟ୍ଟନାୟକ, ଶ୍ୟାମେନ୍ଦ୍ର ମାହାତୋ ଓ ଭାସ୍କର ଖିଲ୍ଲା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଓ କର୍ମକ ୍ରମାନେ ଏହି ନିଷ୍ପ ିକୁ ସର୍ବସମ୍ମତିକ୍ରମେ ସମର୍ଥନ ଜଣାଇଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଜିଲ୍ଲା କ୍ରୀଡା ସଂସ୍ଥାର ନୂତନ ମ ଲୋକାର୍ପିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଷ୍ଟାଡିୟମଠାରେ ଏକ ସୁଦୃଶ୍ୟ ନବନିର୍ମିତ ମ କୁ ଜିଲ୍ଲାର କ୍ରୀଡାପ୍ରେମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି। ହଳଦିଆଗୁଣାସ୍ଥିତ ଏମ୍‌ଏସ୍‌ପି ଷ୍ଟିଲ କାରଖାନା ପକ୍ଷରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ମ ର ଲୋକାର୍ପଣ ଉତ୍ସବରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର,ଏମ୍‌ଏସ୍‌ପି ଷ୍ଟିଲ ଆଇରନ କାରଖାନାର ସିଇଓ ଇଂ ଦେବବ୍ରତ ସ୍ୱାଇଁ, ସିନିୟର ଜିଏମ ସଂଜୟ ସାହୁ, ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସଂପାଦକ ଡ଼ା ଜନାର୍ଦ୍ଦନ ଦାଶ, ବରିଷ୍ଠ ଆଇନଜୀବି ଅଶ୍ୱିନୀ ପଟ୍ଟନାୟକ ଅତିଥି ଭାବରେ ଉପସ୍ଥିତ ରହି କମ୍ପାନୀ କ ୍ପକ୍ଷଙ୍କ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟର ପ୍ରଶଂସା କରିବା ସହ କ୍ରୀଡାବିତମାନଙ୍କୁ ଉତ୍ସାହ ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଏମ୍‌ଏସ୍‌ପି ବ୍ଲୁ ଏବଂ ଏମ୍‌ଏସ୍‌ପି ରେଡ୍ ମଧ୍ୟରେ ଆୟୋଜିତ ହୋଇଥିଲା। ବିଶ୍ୱମ୍ବର ମହାକୁଡ, ଯଶୋବନ୍ତ ପାତ୍ର ଅମ୍ପାୟାରିଂ କରିଥିବାବେଳେ ସତ୍ୟନାରାୟଣ ସିଂ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ଖେଳାଳୀ,କ୍ରୀଡାବିତମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ଏସପି ଷ୍ଟିଲ କାରଖାନାର ଉପସଭାପତି ବସନ୍ତ ସାହୁ, ସିନିୟର ଜିଏମ (ଏଚ୍‌ଆର) ରଂଜନ କୁମାର ଜେନା, ପରିଚାଳକ ଶିଶିର ପାତ୍ର, ଡିଜିଏମ୍ ନିହାର ରଂଜନ ପାତ୍ର, ବରିଷ୍ଠ ପରିଚାଳକ(ସିଭିଲ) ସୁବାସ ଦାଶ, ଅର୍ପିତ ପଟ୍ଟନାୟକ, ବିଦ୍ୟାଧର ରାୟ, ହୃଦାନନ୍ଦ ଦାଶ, ଜଗନ୍ନାଥ ଲାଏକ, ଭୀମସେନ ସେଠୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଯାଜପୁର ବରିଷ୍ଠ ନାଗରିକ ସଂଘ ତରଫରୁ ପୁସ୍ତକ ବ ନ ଓ ବୃକ୍ଷରୋପଣ

ଯାଜପୁର (ପିଏନ୍): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଯାଜପୁର ବରିଷ୍ଠ ନାଗରିକ ସଂଘ ତରଫରୁ ଗ୍ରାମା ଳ ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଉପାଦେୟ ପୁସ୍ତକ ବ ନ କାର୍ଯ୍ୟକ୍ରମ ସ୍ଥାନୀୟ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଭେଲଙ୍କଠାରେ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉ ମ ଭବିଷ୍ୟତ ଗଠନ ନିମି ଦିଗଦର୍ଶନ ପ୍ରଦାନ କରାଯାଇ ସର୍ବଶେଷରେ ପରିବେଶ ସୁରକ୍ଷା ନିମି ବିଦ୍ୟାଳୟ ପ୍ରାଙ୍ଗଣରେ ଫଳବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ବରିଷ୍ଠ ନାଗରିକ ସଂଘର ସଂପାଦକ ପ୍ରବୋଧ କୁମାର ନାୟକ, ସଭ୍ୟ ଉଦୟ ନାରାୟଣ ପରିଡ଼ା, ଦେବେନ୍ଦ୍ର କୁମାର ନାୟକ, ଧନଞ୍ଜୟ କେଶରୀ ରାଉତରାୟ, ଗୋପିନାଥ ସେଠୀ, ବୃନ୍ଦାବନ ମିଶ୍ର, ମଧୁସୁଦନ ମହାନ୍ତି, ନବକିଶୋର ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିୟୁସ୍ ରଂଜନ ମହାନ୍ତି ଓ ଅନ୍ୟ ଶିକ୍ଷକମାନେ ପରିଚ୍ଳନା କରିଥିଲେ। ସ୍ଥାନୀୟ ସମାଜସେବୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ମା’ ଦକ୍ଷିଣ କାଳୀଙ୍କ ଶକ୍ତିପୀଠ କୋଲକାତା



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସେ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ମା’ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା’ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ପୃଥିବୀରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦି ଶକ୍ତିପୀଠଗୁଡ଼ିକ ମଧ୍ୟରେ କାଳୀଘାଟର କାଳୀ ମନ୍ଦିର ପୀଠ ଅନ୍ୟତମ। ହୁଗୁଳି ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିର ସାରା ପୃଥିବୀରେ ପ୍ରସିଦ୍ଧ। ଏହି ମନ୍ଦିର ସଂଲଗ୍ନ ଘାଟ କାଳୀଘାଟ ନାମରେ ବିଖ୍ୟାତ। ପୂର୍ବକାଳରେ ଗଙ୍ଗାଘାଟ ମନ୍ଦିର ସହିତ ଏକଦମ ଲାଗି ରହିଥିଲା। କିନ୍ତୁ ଏବେ




ଏହା ଟିକେ ଦୂରରେ ରହିଛି। ଏହି ମନ୍ଦିର ୧୭ଶ ଶତାବ୍ଦୀର ବୋଲି କୁହାଯାଉଛି। କାଳୀଘାଟ କାଳୀ ମନ୍ଦିରର ଅନେକ ବିଶେଷତ୍ୱ ରହିଛି। କାଳୀଘାଟରେ ମା’ ସତୀଙ୍କ ଡ଼ାହାଣ ପାଦର ଅଙ୍ଗୁଳି ପଡ଼ିଥିଲା। ପୁରାଣରେ କାଳୀଙ୍କୁ ଶକ୍ତିର ରୌଦ୍ରାବତାର ଭାବେ ପୂଜା କରାଯାଏ ଓ ପ୍ରତିମା ବା ମୂର୍ତିରେ ଦେବୀଙ୍କୁ ବିକଟାଳ ରୂପରେ ଦେଖାଯାଏ। ବେକରେ ମୁଣ୍ଡମାଳ ଓ ଅଂଟାରେ କଟା ହାତର ଘାଘରା ପିନ୍ଧିବା, ଗୋଟିଏ ହାତରେ ରକ୍ତଲଗା ଖଡ୍ଗ ଓ ଅନ୍ୟ ହାତରେ ଖପ୍ପର ଧାରଣ କରି ଶୋଇଥିବା ଭଗବାନ ଶଙ୍କରଙ୍କ ଉପରେ ଛିଡ଼ା ହୋଇ ଲମ୍ବା ଜିଭ ଦର୍ଶା ଯିବା ଦେଖାଯାଏ। କିନ୍ତୁ କାଳୀଘାଟ ମନ୍ଦିରରେ ଦେବୀଙ୍କ ପ୍ରତିମାରେ ମା’କାଳିକାଙ୍କ ମସ୍ତକ ଓ ଚାରି ହାତ ଦେଖାଯାଏ। ଏହି ପ୍ରତିମା ଏକ ଚତୁର୍ଭୁଜ ଆକାରର କଳା ପଥରରେ ତିଆରି କରାଯାଇଛି। ଏଠାରେ ଲାଲ୍ ବସ୍ତ୍ର ପିନ୍ଧିଥିବା ମା’କାଳୀଙ୍କ ଜିଭ ବହୁତ ଲମ୍ବା, ଯାହା ସୁନାରେ ତିଆରି ହୋଇଛି। ସେହିପରି ମା’ଙ୍କର ସୁନାର ଦାନ୍ତ। ଆଖି ତଥା ମୁଣ୍ଡ ଗେରୁଆ ସିନ୍ଦୁର ରଙ୍ଗର ହୋଇଥିବା ବେଳେ ମଥାରେ ମଧ୍ୟ ଗେରୁଆ ସିନ୍ଦୁରର ତିଳକ ରହିଛି। ମା’ଙ୍କ ପ୍ରତିମାର ହାତ ସ୍ୱର୍ଣ୍ଣ ଅଳଙ୍କାର ଓ ବେକ ଲାଲ୍ ଫୁଲର ମାଳାରେ ସୁସଜ୍ଜିତ। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସହିତ ସିନ୍ଦୁର ମଧ୍ୟ ଦିଆଯାଏ।

କାଳୀଘାଟ କାଳୀ ମନ୍ଦିରର ଅପୂର୍ବ ପରମ୍ପରା ରହିଛି। ବଙ୍ଗଳାରେ କାଳୀପୂଜା ଦିନ ଯେଉଁଠି ଘର ଓ ମଣ୍ଡପରେ କାଳୀଙ୍କ ଆରାଧନା କରାଯାଏ, ସେଠାରେ ଏହ ଶକ୍ତିପୀଠରେ ଲକ୍ଷ୍ମୀସ୍ୱରୂପା ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ। ଦୁର୍ଗାପୂଜା ବେଳେ ଷଷ୍ଠି ରୁ ଦଶମୀ ଯାଏ ମନ୍ଦିରରେ ଭକ୍ତଙ୍କର ପ୍ରବଳ ଭିଡ଼ ଲାଗିରହେ। ଦୂର୍ଗାପୂଜା ସମୟରେ ଦଶମୀ ତିଥିରେ ହିଁ ମହିଳା ମାନଙ୍କ ପାଇଁ ସିନ୍ଦୁର ଖେଳର ଭବ୍ୟ ଆୟୋଜନ ହୋଇଥାଏ। ଏହି ଲକ୍ଷ୍ମୀ ମନ୍ଦିରରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କେବଳ ମହିଳା ମାନେ ପ୍ରବେଶ କରିବାର ସୁଯୋଗ ପାଆନ୍ତି। ଏହି ସମୟରେ ପୁରୁଷ ମାନଙ୍କର ମନ୍ଦିର ପ୍ରବେଶ ସଂପୂର୍ଣ୍ଣ ନିଷେଧ ରହିଥାଏ। ଏଠାରେ ପ୍ରତିଦିନ ମା’କାଳୀଙ୍କ ପାଇଁ ଛପନ ଭୋଗ ଲଗା ଯିବାର ବ୍ୟବସ୍ଥା ରହିଛି। ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ।

ଦକ୍ଷିଣେଶ୍ୱର କାଳୀ ମନ୍ଦିର ଗଙ୍ଗାର ପୂର୍ବ ତଟରେ ଅବସ୍ଥିତ। ଏହା ମା’କାଳୀଙ୍କର ଏକ ଭବ୍ୟ ମନ୍ଦିର ଭାବେ ଖ୍ୟାତ। ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ୧୮୪୭ ଶତାବ୍ଦୀରେ ଆରମ୍ଭ ହୋଇଥିଲା। କୁହାଯାଏ ଯେ, ଜାନ୍ ବଜାରର ମହାରାଣୀଙ୍କୁ ସ୍ୱପ୍ନରେ ମା’କାଳୀ ମନ୍ଦିର ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଏହି ଭବ୍ୟ ମନ୍ଦିରରେ ମା’ଙ୍କର ମୂର୍ତି ଶ୍ରଦ୍ଧାର ସହ ସ୍ଥାପିତ ହୋଇଛି। ୧୮୫୫ ରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହେଇଥିଲା। ଏହି ମନ୍ଦିର ୨୫ ଏକର ଜମି ଉପରେ ଅବସ୍ଥିତ। ଦକ୍ଷିଣେଶ୍ୱର ମା’କାଳୀ ମନ୍ଦିରର ଭିତର ଭାଗରେ ରୂପାରେ ତିଆରି ଏକ ପଦ୍ମ ଫୁଲ ଭିତରେ ରହିଛି ଏକ ହଜାର ପାଖୁଡ଼ା, ଯାହାର ଅପରୂପ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଜମେ। ଏହି ପଦ୍ମ ଫୁଲ ଉପରେ ମା’କାଳୀ ନିଜ ଅସ୍ତ୍ରଶସ୍ତ୍ର



ଧରି ଭଗବାନ ଶିବଙ୍କ ଉପରେ ଛିଡ଼ା ହୋଇଥିବା ଦେଖାଯାଏ। ମା’କାଳୀଙ୍କ ମନ୍ଦିର ନବରତ୍ନ ଭଳି ନିର୍ମିତ ହୋଇଛି। ଏହାର ଓସାର ୪୬ ଫୁଟ ଓ ଉଚ୍ଚତା ୧୦୦ଫୁଟ।



ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ୧୨ ଟି ଗମ୍ବୁଜ ରହିଛି। ଏହି ବିଶାଳ ମନ୍ଦିରର ଚାରିପାଖରେ ଭଗବାନ ଶିବଙ୍କର ୧୨ ଟି ମନ୍ଦିର ସ୍ଥାପିତ ହୋଇଛି। ମା’କାଳୀଙ୍କ ମନ୍ଦିର ବିଶାଳ ସୌଧ ଭଳି ମଜଭୁତ ଚଟାଣ ଉପରେ ରହିଛି।

ଦୁର୍ଗାପୂଜା ବେଳେ କୋଲକାତାର କାଳୀଘାଟ ଓ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ସେଥିପାଇଁ ଦେଶ ବିଦେଶର ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା’ଙ୍କ କାଳୀପୂଜା ବେଳେ କୋଲକାତା ଆସିଥାନ୍ତି। ନବରାତ୍ରିରେ ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ।

# ବନୀକରଣ ପାଇଁ ଅ ।ଭିଡ଼ିଲେ ଦୃଷ୍ଟିବାଧିତ ବିଦ୍ୟାର୍ଥୀ



ଭୁବନେଶ୍ୱର (ପିଏନ୍): ସେମାନେ ଦୁନିଆକୁ ଦେଖିପାରନ୍ତି ନାହିଁ କିନ୍ତୁ ଦୁନିଆକୁ ଆଲୋକିତ କରିବା ପାଇଁ ସେମାନଙ୍କ ମନ ଓ ହୃଦୟରେ ଦୃଢ ମନୋବଳ, ଆଗ୍ରହ, ଅମାପ ଆତ୍ମବିଶ୍ୱାସ ଓ ପ୍ରୟାସର ଭରପୁର ଶକ୍ତି ରହିଥାଏ, ଯାହା ଦେଖିବାକୁ ମିଳିଛି ଭୁବନେଶ୍ୱର କଳିଙ୍ଗ ନଗରଠାରେ ଆୟୋଜିତ ସିଡ୍‌ସବଲ୍ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ। ସେମାନେ ସବୁଜ ବଳୟକୁ ଦେଖିପାରୁ ନଥିଲେ ମଧ ଉଜୁଡ଼ା ପରିବେଶକୁ ସବୁଜିମା ଭରା କରିବା ପାଇଁ ମନରେ ପ୍ରବଳ ଉତ୍କଣ୍ଠା ସହ ଅ ।ଭିଡ଼ି ଆଗେଇ ଆସିଛନ୍ତି କିଛି ଦୃଷ୍ଟିବାଧିତ ବିଦ୍ୟାର୍ଥୀ। ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତ ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସର୍ବମୋଟ ୧୫ଜଣ ଦୃଷ୍ଟିବାଧିତ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ମାଟି, ଜୈବିକ ସାର, ମଞ୍ଜିକୁ ବ୍ୟବହାର କରି ପ୍ରାୟ ୧ ଘ । ମଧ୍ୟରେ ପାଖାପାଖି ୧ ହଜାର ସିଡ୍‌ସ୍‌ବଲ ପ୍ରସ୍ତୁତ କରିପାରିଛନ୍ତି। ଉଜୁଡ଼ି ଯାଇଥିବା ସବୁଜିମାକୁ ପୁଣିଥରେ ସବୁଜିମାମୟ କରିବା ପାଇଁ ସିଡ୍‌ସବଲ ପ୍ରକ୍ରିୟା ହେଉଛି ଏକ ସହଜ, ସରଳ ମାଧ୍ୟମ। ସ୍ୱଳ୍ପଖର୍ଚ୍ଚ ଓ କମ୍ ପରିଶ୍ରମରେ ପ୍ରଭାବୀ ବନୀକରଣ ଏହାଦ୍ୱାରା ସମ୍ଭବ ହୋଇପାରିଥାଏ। ପ୍ରସ୍ତୁତ ସିଡ୍‌ସ ବଲଗୁଡ଼ିକୁ ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଜଙ୍ଗଲର ଖାଲିଥିବା ସ୍ଥାନରେ ବର୍ଷାଋତୁ ଆସିବା ପୂର୍ବରୁ ପକାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ପରିଚ୍ଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବ୍ୟାପକ କରିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ସାମିଲ୍ କରାଯିବାର ଲକ୍ଷ୍ୟ ରହିଛି ବୋଲି ସୁଶାନ୍ତ କହିଛନ୍ତି। ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଏତାଦୃଶ ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ପ୍ରଶଂସା କରାଯାଇଛି।

# ରୁପେ ପକ୍ଷରୁ ଜୋମାଲ୍ୟାଣ୍ଡ ସିଜନ୍ ୫ର ନାମକରଣ ଅଧିକାର ହାସଲ

ଭୁବନେଶ୍ୱର,(ପି.ଏନ): ଜୋମାଟୋ ଲାଇଭ୍ ପକ୍ଷରୁ ଭାରତର ସବୁଠୁ ପ୍ରତିଷ୍ଠିତ ଖାଦ୍ୟ ଓ ମନୋରଂଜନ ଉତ୍ସବ ରୁପେ-ଜୋମାଲ୍ୟାଣ୍ଡର ପଂଚମ ସିଜନ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଖାଦ୍ୟ, ମନୋରଂଜନ, ସଙ୍ଗୀତ ଓ ଗେମ୍‌ର ଶ୍ରେଷ୍ଠତାକୁ ଏକତ୍ରୀତ କରିପାରିଛି। ପ୍ରଥମ ସହଯୋଗୀ ଭାବେ ରୁପେ ଏହାର ନାମକୁ ଜୋମାଲ୍ୟାଣ୍ଡ ସହ ଯୋଡ଼ି ତାହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗିତାରେ ପରିଣତ କରିପାରିଛି ।ସମନ୍ୱିତ ଲୋଗୋ ୟୁନିଟ୍‌ର ଅଂଶସ୍ୱରୂପ ଜୋମାଲ୍ୟାଣ୍ଡର ଏହି ସଂସ୍କରଣରେ ରୁପେର ସ୍ୱତନ୍ତ୍ର ଜୋନ୍ ଓ ଲେନ୍ ରହିବ ଯାହା ନବସୃଜନ ଓ ଗ୍ରାହକ କୈନ୍ଦ୍ରୀକତା ପ୍ରତି ବ୍ରାଣ୍ଡ୍‌ର ସମର୍ପଣକୁ ଦର୍ଶାଉଛି। ଏହି ସହଯୋଗିତା ଜରିଆରେ ରୁପେ ଯୁବବର୍ଗଙ୍କ ସହ ଯୋଡ଼ିହୋଇପାରିଛି। ୨୦୨୫ ଜାନୁଆରି ୧୮ରୁ ଦିଲ୍ଲୀରେ ରୁପେ-ଜୋମାଲ୍ୟାଣ୍ଡ ସିଜନର ଶୁଭାରମ୍ଭ ହେବ ଏବଂ ଏହା ମୁମ୍ବାଇ, ବେଙ୍ଗାଲୁରୁ, ପୁନେ, କୋଲକାତା, ଜୟପୁର ଓ ଇନ୍ଦୋର ଭଳି ସାତଟି ସହର ଯାତ୍ରା କରିବ। ଏହି ସହଯୋଗିତା ସମ୍ପର୍କରେ ଏନପିସିଆଇର ମୁଖ୍ୟ ମାର୍କେଟିଂ ଅଧିକାରୀ ରମେଶ ଯାଦବ କହିଛନ୍ତି ଯେ, ‘ଜୋମାଲ୍ୟାଣ୍ଡର ପଂଚମ ସିଜନ ପାଇଁ ଜୋମାଟୋ ସହିତ ସହଯୋଗିତା ସ୍ଥାପନ କରି ଆମେ ବହୁତ ଖୁସି ଯାହା ନବସୃଜନ ଓ ଚମତ୍କାର ଅନୁଭୂତିର ଏକ ମିଶ୍ରିତ ପ୍ରତିଶ୍ରୁତି ପ୍ରଦାନ କରୁଛି। ରୁପେ ସ୍ୱତନ୍ତ୍ର ଜୋନ୍, ଏକ୍ସପ୍ରେସ୍ ଲେନ୍ ଓ ସ୍ୱତନ୍ତ୍ର ପ୍ରିମିୟମ୍ ଅନୁଭତି ସହ ଗ୍ରାହକଙ୍କୁ ଯୋଡ଼ିବାରେ ଏହା ଆମ ପାଇଁ ସହାୟକ ହୋଇଛି। ଆମର ବିଶ୍ୱାସ ରହିଛି ଯେ ଡିଜିଟାଲ ଅଭ୍ୟସ୍ତ ଓ ସାମାଜିକ ସକ୍ରିୟ ବ୍ୟବହାରକାରୀମାନଙ୍କ ସହ ଯୋଡ଼ି ହେବା ଲାଗି ପ୍ରତିଟି ଟଚପଏଂଟ୍‌ର ରୂପାନ୍ତରଣ ଉପରେ ଆମର ବିଶ୍ୱାସ ରହିଛି। ଅଭୁଲା ମୂହୂର୍ତ ସହିତ ରୁପେକୁ ପରିପପୂରକ କରିବା ଏବଂ କାର୍ଡଧାରୀମାନଙ୍କ ଲାଗି ଉତମ ଜୀବନଶୈଳୀ ସଶକ୍ତ କରିବା ଲାଗି ଆମ ପ୍ରତିବଦ୍ଧତାକୁ ଏହି ସହଯୋଗିତା ଦୃଢ଼ କରିପାରିଛି।‘ ଜୋମାଟୋ ଲାଇଭର ସିଇଓ ଜିନାହ ଭିଲକାସିମ୍ ଜୋମାଲ୍ୟାଣ୍ଡ ସିଜନ୫ ସମ୍ପର୍କରେ କହିଛନ୍ତି ଯେ, ‘ଜୋମାଲ୍ୟାଣ୍ଡର ୫ଟି ବର୍ଷ ପୂର୍ତ୍ତି ଅବସରରେ ଆମେ ଆନନ୍ଦିତ। ଏହା କେବଳ ଏକ ପର୍ବ ନୁହେଁ, ଏହା ଭାରତର ବିବିଧ ଖାଦ୍ୟ ଐତିହ୍ୟ ଏବଂ ଏହା ଆମ ଆଧୁନିକ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗର ଏକ ଉତ୍ସବ। ଚତୁର୍ଥ ସିଜନର ସଫଳତା ଏକ ନୂଆ ମାନଦଣ୍ଡ ସ୍ଥାପିତ କରିଛି ଏବଂ ଚଳିତ ସିଜିନରେ କ’ଣ ଆସିବ ସେଥିପାଇଁ ଆମେ ବହୁତ ଉତ୍ସାହିତ। ଦେଶର ସବୁଠାରୁ ଆକର୍ଷଣୀୟ ରେସ୍ତୋରାଁ, ନୂଆ ଟିକେଟ୍ ବର୍ଗ ଏବଂ ଉଭୟ ମୁଖ୍ୟ ପର୍ଯ୍ୟାୟ ଏବଂ ଏକ ନୂତନ କର୍ମଶାଳା ପର୍ଯ୍ୟାୟ ସହିତ ପ୍ରିମିୟମ୍ ଅନୁଭୂତି ସହିତ ଆମେ ଚଳିତ ଋତୁରେ ବଡ଼ ଏବଂ ସାହସିକ ହୋଇଛୁ। ସ୍ୱତନ୍ତ୍ର ଡାଇନିଂ ଅନୁଭୂତିଠାରୁ ଆରମ୍ଭ କରି ମନୋରନର ଚମତ୍କାର ଅନୁଭୂତି ପର୍ଯ୍ୟ‘ରୂପେ ଜୋମାଲ୍ୟାଣ୍ଡ ସିଜନ ୫ ସମସ୍ତ ଖାଦ୍ୟ ଏବଂ ସଂସ୍କୃତିର ଏକ ଆକର୍ଷଣୀୟ ଉତ୍ସବ ହେବ। ଆମେ ଚଳିତ ଋତୁରେ ସମସ୍ତଙ୍କ ସହ ‘ଫେଷ୍ଟ ମୋଡ୍ ଅନ୍‘ ବଦଳାଇବାକୁ ଚାହୁଁଛୁ।‘




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିୟୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।



## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେଓ୍ୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେଓ୍ୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜ୍ଞନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବାଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ୱର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ' ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାଁନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟ' କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାଁନ୍ତି । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ୱର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ ସରକାର ସେଥିପ୍ରତି ଧ୍ୟାନ ଦେଉନାହାଁନ୍ତି । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ । ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବଲି ମହୋତ୍ସବ

ଭୁବନ, (ପି.ଏନ): ଢ଼େଙ୍କାନାଳ ଜିଲ୍ଲାର ପୁରାତନ ବିଦ୍ୟାଳୟ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ( ହୀରକ ଜୟନ୍ତୀ ) ପାଳନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର କୃଷ୍ଣ ଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ନିଜ ନିଜର ପ୍ରସ୍ତାବ ଏବଂ ମତ ରଖିଥିଲେ। ପ୍ଲାଟିନମ୍ ଜୁବଲି ମହୋତ୍ସବ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ପଞ୍ଜାବ ନେସନାଲ ବ୍ୟାଙ୍କ (ପି ଏନ୍ ବି) ନୂଆଦିଲ୍ଲୀର ଅବସରପ୍ରାପ୍ତ (ସିଜିଏମ) ପୁରାତନ ଛାତ୍ର ଧନେଶ୍ୱର ସାହୁ ଙ୍କୁ ସର୍ବ ସମ୍ମତ କ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ନିଶାକର ସାହୁ ସମ୍ପାଦକ, ଦୁର୍ଯ୍ୟୋଧନ ସାହୁ ଉପସଭାପତି, ଅବସରପ୍ରାପ୍ତ ଜିଏମ,ଏସ ବିଆଇ ଗଦାଧର ଦାସ କୋଷାଧ୍ୟକ୍ଷ ଏବଂ କୃଷ୍ଣ ଚନ୍ଦ୍ର ଆଇଚଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା। ମହୋତ୍ସବ ଦୁଇ ଦିନ ଧରି ହେବ। ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ରେ ମହୋତ୍ସବ ପାଳନ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଧନେଶ୍ୱର ସାହୁ, ନବକିଶୋର ଗୁରୁ, କୈଳାଶ ଗୁରୁ, ବେଣୁଧର ପୃଷ୍ଟି, ଦିଲ୍ଲୀପ କୁମାର ଦାସ, ନରହରି ସାହୁ, ବ୍ରହ୍ମାନନ୍ଦ ସାହୁ, ସୁବ୍ରତ କୁମାର ସାହୁ, ପ୍ରଭାସ ସେନାପତି, ବିନୋଦ ମହାରଣା, ଦୀପକ ବେହେରା, ଅମ୍ବୁଜ ସାହୁ,ନିରଞ୍ଜନ ଗୁରୁ, ରାମ ଚନ୍ଦ୍ର ରାଉତ, ସନାତନ ଗୁରୁ, ଗଣେଶ୍ୱର ଦାସ, ହୃଷୀକେଶ ସାହୁ, ଅଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ମେହେଣା, ପ୍ରେମାନନ୍ଦ ପାଣିଗ୍ରାହୀ, ଡଃ. ସୁବାଷ ନାୟକ, ଭଗ୍ୱାନ ଗୁରୁ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ' ସ୍ମରଣିକା ' ପାଇଁ ପୁରାତନ ଛାତ୍ର ମାନେ ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ଲେଖା ଅଧାପକ କୈଳାସ ଚନ୍ଦ୍ର ଗୁରୁଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ପାଇଁ ପୁରାତନ ଛାତ୍ର ମାନେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ରେ ୧ ହଜାର ଟଙ୍କା ପ୍ରଦାନ କରି ନାମ ପଞ୍ଜିକରଣ କରିବାକୁ ନିବେଦନ କରାଯାଇଥିଲା । ଏହା ବ୍ୟତୀତ ପୁରାତନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ସାମର୍ଥ୍ୟ ଅନୁଯାୟୀ ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା ।

## ହିଙ୍ଗୁଳା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ

ଭୁବନ, (ପି.ଏନ): ଭୁବନ ର ପ୍ରସିଦ୍ଧ ଶକ୍ତି ପୀଠ ମା ହିଙ୍ଗୁଳାଙ୍କ ମନ୍ଦିରରେ ମା ହିଙ୍ଗୁଳା, ମା ଶାରଳାଙ୍କ ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଦୈନିକ ନିତିକାନ୍ତି ହୋଇ ପୂଜା ଅନୁଷ୍ଠିତ ହୋଇଥିଲା। ମାତା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମଣ୍ଡା, ସ୍କନ୍ଧମାତା, କାତ୍ୟାୟିନୀ, କାଳରାତ୍ରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।ପରିଚାଳନା କମିଟି ତରଫରୁ ସଭାପତି ଶଶି ଭୂଷଣ ପୃଷ୍ଟି କର୍ତା ସାଜିଥିଲା ବେଳେ ଦିଲ୍ଲୀପ ଦାସ, ଅମ୍ବୁଜ ସାହୁ, ନିରଞ୍ଜନ ଗୁରୁ, ସତ୍ୟାନନ୍ଦ ପୃଷ୍ଟି, ଖଗେଶ୍ୱର ନାୟକ, ଧନେଶ୍ୱର ସାହୁ, ଦେବେନ୍ଦ୍ର ପୃଷ୍ଟି ଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ବିଧାୟକଙ୍କଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ନିଆଳି ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକଙ୍କଦ୍ୱାରା ନବନିର୍ମିତ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବାରଙ୍ଗ ବ୍ଲକ ଅଧକ୍ଷ ସରୋଜକୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ଜିଲାପରିଷଦ ସଭ୍ୟା ପୁଷ୍ପଲତା ପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତ, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଡାକ୍ତର ରେଖା ଭଗତ ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା କେନାଲ ପୋଲଟି ଅତି ବିପଦସଂକୁଳ ଅବସ୍ଥାରେ ଥିବାରୁ ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ଘନଶ୍ୟାମ ପାତ୍ର, ଲଳିତକୁମାର ଦାଶ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଗଗନବିହାରୀ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ବ୍ୟସ୍ତବହୁଳ ସ୍ୱାସ୍ଥ୍ୟକେନ୍ଦ୍ରଟି ୬୦ ବର୍ଷର ପୁରୁଣା ଘରେ ନାନା ସମସ୍ୟା ମଧ୍ୟ ଦେଇ ଚାଲିଥିଲା ଏବଂ ଜନସାଧାରଣ ବହୁବାର ଦାବି ଓ ଆନ୍ଦୋଳନ କରିବା ପରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ବିଲଡ଼ିଙ୍ଗ ନିର୍ମାଣ ହୋଇଛି।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୁଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଇଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୁଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଶେଷ ଦିବସରେ ପୂର୍ଣ୍ଣାହୂତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।




# ପ୍ରଶାସନିକ ଅବହେଳା ଯୋଗୁଁ ହିଁ ଆଦିବାସୀ ମାନେ ଆମ୍ବ ଟାକୁଆ ଖାଇବାକୁ ବାଧ୍ୟ ହେଲେ

ଭୁବନେଶ୍ୱର,(ପି.ଏନ): ଦାରିଙ୍ଗିବାଡି ବ୍ଲକ ର ଗଦାପୁର ପଞ୍ଚାୟତ ର ମାଣ୍ଡିପଙ୍କା ଗ୍ରାମ ଯାହାକି କନ୍ଧମାଳ ଜିଲ୍ଲାରେ ଅବସ୍ଥିତ ସେଠାରେ ଅନୁସୂଚିତ ଜନଜାତି ର ଦୁଇଜଣ ସ୍ତ୍ରୀ ଲୋକ ଆମ୍ବ ଟାକୁଆ କୁ ରୋଷେଇ କରି ଖାଇ ମୃତ୍ୟୁ ବରଣ କଲେ ଓ ୬ ଜଣ ଅସୁସ୍ଥ ହେବାର ଖବର ସାରା ଓଡ଼ିଶା ରେ ଏକ ସମ୍ବେଦନଶୀଳ ଘଟଣା ଭାବରେ ରାଜ୍ୟ ସରକାର ତଥା ରାଜ୍ୟବାସୀ ଙ୍କୁ ଗଭୀର ଚିନ୍ତାଗ୍ରସ୍ତ କରାଇଛି । ସେଥିରୁ ଏବେ ଜଣେ କଟକ ବଡ ଡାକ୍ତରଖାନା ରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ନିଜ ଘରକୁ ଫେରି ଯାଇଛନ୍ତି । ଏହାକୁ କେତେକ ରାଜନୈତିକ ଦଳର ଲୋକ ମାନେ ଆମ୍ବ ଟାକୁଆ ଆଦିବାସୀ ମାନଙ୍କ ଖାଦ୍ୟ ଓ ଏହାକୁ ସେମାନେ ବରାବର ଖାଆନ୍ତି ବୋଲି ଅଭିହିତ କରି ଦୋଷ ଘୋଡାଇ ଚାଲିଛନ୍ତି । ଏବେ ପ୍ରଶ୍ନ ଉଠିଛି ଯେ ଦୋଷ କାହାର ନ ଦେଖି ସେହି ଅନୁସୂଚିତ ଜନଜାତି ମହିଳା ମାନେ ଆମ୍ବ ଟାକୁଆ ଖାଇବାକୁ ଗଲେ କାହିଁକି । ପ୍ରକୃତରେ ଏହି ସମସ୍ୟା ରେ ଆମର ପ୍ରଶାସନିକ ବ୍ୟବସ୍ଥା ଯେ ପୂର୍ଣ୍ଣ ମାତ୍ରାରେ ଦାୟୀ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଏହି ସମସ୍ୟା ପାଇଁ ରାଜନୈତିକ ଦଳ ଠାରୁ ଅଧିକ ପରିମାଣରେ ଦାୟୀ ହେଉଛନ୍ତି ପ୍ରଶାସନିକ ଅଧିକାରୀ ମାନେ । କାରଣ ରାଜନୈତିକ ଦଳ ଯେଉଁମାନେ ଶାସକ ଦଳ ହୁଅନ୍ତୁ ବା ବିରୋଧୀ ଦଳ ହୁଅନ୍ତୁ ସେମାନେ କେହି ସ୍ଥାୟୀ ନୁହନ୍ତି ପ୍ରତି ପାଞ୍ଚ ବର୍ଷ ରେ ସେମାନେ ବଦଳନ୍ତି। ଗତ ସରକାର ହେଉ ବା ବର୍ତ୍ତମାନ ର ସରକାର ହେଉ ସେମାନେ ବିଧାନସଭା ରେ ଅନୁସୂଚିତ ଜନଜାତି ମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ଯୋଜନା କରନ୍ତି ଯାହାକୁ କି ପ୍ରଶାସନିକ ଅଧିକାରୀ ମାନେ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ତାହାକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ କିନ୍ତୁ ଏହି ଅଧିକାରୀ ମାନେ ତାର ପ୍ରତ୍ୟକ୍ଷ ତଦାରଖ ନ କରି ପାରିବାରୁ ଏଭଳି ଅଘଟଣ ଘଟିଛି। ଯଦି ଅପହଞ୍ଚ ଅଞ୍ଚଳରେ ଆଦିବାସୀ କଲ୍ୟାଣ ବିଭାଗ ର ସର୍ବୋଚ୍ଚ ଅଧିକାରୀ ମାନେ ଜିଲ୍ଲା ସ୍ତରର ଅଧିକାରୀ , ଉପ ଜିଲ୍ଲାପାଳ,ବିଡ଼ିଓ ,ତାଙ୍କ ସହକର୍ମୀ , ଉଦ୍ୟାନ ବିଭାଗ ଅଧିକାରୀ ମାନେ ସମୟ ସମୟରେ ସେହି ଗାଁ ମାନଙ୍କୁ ଯାଇ ତୃଣମୂଳ ସ୍ତରରେ ଲୋକ ମାନଙ୍କର କି କି ଅସୁବିଧା ଅଛି ତାହା ଦୂର କରିବାକୁ ସେମାନଙ୍କ ସହିତ ଆଲୋଚନା କରିଥାନ୍ତେ ତେବେ ଏ ପ୍ରକାର ର ସମସ୍ୟା ହୋଇ ନ ଥାଆନ୍ତା। ଆଦିବାସୀ ମାନଙ୍କ ଆର୍ଥିକ ଓ ସାମାଜିକ ସ୍ତରର ଉନ୍ନତି ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି କିନ୍ତୁ ସେଗୁଡିକ ଆମ ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସେମାନଙ୍କ ପାଖରେ ଯଥେଷ୍ଟ ପରିମାଣରେ ପହଞ୍ଚି ପାରୁନାହିଁ ଅନେକ ବାଟମାରଣା ହୋଇ ଯାଉଛି । ଯାହା କି ଅତ୍ୟନ୍ତ ଦୁଃଖ ର ବିଷୟ । ଆଦିବାସୀ ମାନଙ୍କ ସମସ୍ୟାର ସମାଧାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀ ନାରାୟଣ କର ଯେତେବେଳେ କାଶିପୁର ରେ ମଧ୍ୟ ଆମ୍ବ ଟାକୁଆ ଖାଇ ଲୋକମାନେ ମୃତ୍ୟୁ ବରଣ କରିଥିଲେ ସେତେବେଳେ ରାଜ୍ୟ ସରକାର ଙ୍କୁ ଅନେକ ସମାଲୋଚନା ର ସରବ୍ୟ ହେବାକୁ ହୋଇଥିଲା । ସେତେବେଳେ ଦକ୍ଷିଣାଞ୍ଚଳ ଜଉଉ ଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଚିଠି କରାଯାଇଥିଲା ଓ ଜଉଉ ମଧ୍ୟ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଙ୍କ ଠାରୁ ନେଇ ସମସ୍ତ ଜିଲ୍ଲା ପ୍ରଶାସନକୁ ତାଗିଦ କରିଥିଲେ କିନ୍ତୁ ଠିକ୍ ପରମୁହୂର୍ତ୍ତରେ ଜଉଉ ଶ୍ରୀ ଦଳବାୟୀ ଙ୍କ ବଦଳି ହୋଇ ଯିବାରୁ ଆଉ ସେହି ପଦକ୍ଷେପ ଆଗକୁ ନ ବଢ଼ି ସେଇଠି ରହିଗଲା ଯାହାର ଫଳ ସ୍ୱରୂପ ଲୋକେ ଏବେ ବି ଆମ୍ବ ଟାକୁଆ କୁ ଖାଦ୍ୟ ରୁପେ ଖାଉଛନ୍ତି ଓ ତାର ପ୍ରଭାବ ପଡ଼ି ଲୋକେ ମୃତ୍ୟୁ ବରଣ କରୁଛନ୍ତି । ଯଦିଓ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ମାନେ ସବୁ ପ୍ରକାର ର ସାହାଯ୍ୟ ଅନୁମୋଦନ କରୁଛନ୍ତି କିନ୍ତୁ ତାହା ତଳ ସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନାହିଁ । ସରକାର ତାହାକୁ ଠିକ୍ ଭାବରେ ତଦାରଖ କରୁ ନାହାନ୍ତି। ଗତ ସରକାର ଓ ଏବେକାର ସରକାର କେବଳ ପରସ୍ପର କୁ ଦୋଷ ଦେଇ ଚାଲିଛନ୍ତି କିନ୍ତୁ ସମାଧାନ ର ବାଟ କେହି ଆନ୍ତରିକତା ର ସହିତ ଚିନ୍ତା କରୁନାହାନ୍ତି।

# ବାରୁଅ ଗ୍ରାମପଂଚାୟତ ସରପଂଚଙ୍କ ବିରୋଧରେ ୱାର୍ଡସଭ୍ୟ/ସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ନୋଟିସ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ଗ୍ରାମପଂଚାୟତର ସରପଂଚ ସୁଶୀଳା ରାଉତଙ୍କ ବିରୋଧରେ ମୋଟ ୨୧ଜଣ ୱାର୍ଡସଭ୍ୟ/ସଭ୍ୟାଙ୍କ ମଧ୍ୟରୁ ୧୭ଜଣ ୱାର୍ଡସଭ୍ୟ/ସଭ୍ୟାମାନେ ନାୟବ ସରପଂଚ ବସନ୍ତ ନାୟକ ଓ ୧୫ନମ୍ବର ୱାର୍ଡସଭ୍ୟ ଗୋବର୍ଦ୍ଧନ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଅନାସ୍ଥା ପ୍ରସ୍ତାବ ନୋଟିସ ପ୍ରଦାନ କରିଥିବା ଜଣାପଡିଛି । ଗତ ୮ତାରିଖରେ ଏହି ଉପଲକ୍ଷେ ପଂଚାୟତର ନାୟବ ସରପଂଚ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ବାରୁଅସ୍ଥିତ ଶ୍ରୀ ସିଦ୍ଧ ମହାପୁରୁଷ ମଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ବୈଠକରେ ବାରୁଅ ପଂଚାୟତର ସରପଂଚ ଶ୍ରୀମତୀ ରାଉତଙ୍କ ମନମୁଖି ବେଆଇନ କାର୍ଯ୍ୟ ପାଇଁ ସୃଷ୍ଟି ହୋଇଥିବା ଅରାଜକତା ବାତାବରଣ ଉପରେ ଉପସ୍ଥିତ ପଂଚାୟତର ୱାର୍ଡସଭ୍ୟ/ସଭ୍ୟାମାନେ ବିଷଦ ଭାବେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ । ପ୍ରସ୍ତାବ ଗୁଡିକ ମଧ୍ୟରେ ଗତ ଏକବର୍ଷ ହେବ ପଂଚାୟତର ବୈଠକ ନବସିବା, ପଲ୍ଲିସଭା ଓ ଗ୍ରାମସଭା ଆହୁତ ନହୋଇ ପଂଚାୟତରେ ବିଭିନ୍ନ କାର୍ଯ୍ୟ କରାଯିବା, ପିଛିଲା ପଲ୍ଲିସଭାରେ ଚଂଚକତା ପୂର୍ଣ୍ଣ ଭାବେ ବ ମାନର କାର୍ଯ୍ୟ ଗୁଡିକୁ ଯୋଗ କରାଯିବା,ପଂଚାୟତକୁ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ ଚିଠିପତ୍ରକୁ ପଂଚାୟତ ବୈଠକରେ ଆଲୋଚନା କରାନଯିବା ପ୍ରଭୃତି ସରପଂଚଙ୍କ ମନମୁଖି କାର୍ଯ୍ୟକୁ ପ୍ରତିପାଦିତ କରୁଛି। ଗତ ଫନୀ ବାତ୍ୟାରେ ପଂଚାୟତକୁ ଆସିଥିବା ରିଲିଫ ସାମଗ୍ରୀ ପଂଚାୟତର ଜନସାଧାରଣଙ୍କ ମଧ୍ୟରେ ବଂଟନ କରାନଯାଇ ଏବେବି ପଂଚାୟତର ଗୋଦାମଘରେ ଖତ ଖାଇବା ସରପଂଚଙ୍କ ଅବହେଳାର ନିଦର୍ଶନ । ପଂଚାୟତରେ ଗ୍ରାମ ଆଲୋକୀକରଣ ଯୋଜନାରେ ଲଗାଯାଇଥିବା ଷ୍ଟ୍ରୀଟ ଲାଇଟରେ ବ୍ୟାପକ ଦୁର୍ନିତୀ, ଇନ୍ଦିରା ଆବାସ,ବିଜୁ ପକ୍କାଘର ଓ ମୋକୁଡିଆ ଯୋଜନାରେ ଠିକଣା ହିତାଧିକାରୀ ଚୟନ ନହେବା ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଉ। ଏହିସବୁ ଦୁର୍ନିତୀ,ବେଆଇନ,ଅବହେଳା ଓଭ୍ରଷ୍ଟାଚାର କାରଣରୁ ସରପଂଚ ଶ୍ରୀମତୀ ରାଉତଙ୍କ ଉପରୁ ଆସ୍ଥା ହରାଇ ତୁରନ୍ତ ତାଙ୍କୁ ଆଇନ ମୁତାବକ ବହିଷ୍କାର କରାଯିବା ପାଇଁ ବୈଠକରେ ଦାବୀ କରାଯାଇଛି । ବୈଠକରେ ସରପଂଚଙ୍କ ବିରୋଧରେ ଗୃହିତ ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ୱାର୍ଡସଭ୍ୟ ଉମେଶ ଚନ୍ଦ୍ର ପରିଡା, ରାଜ କିଶୋର ନାୟକ, ମୀନତି ପରିଡା, ସୁକାନ୍ତି ଦାସ, ନକୁଳ ମଳିକ, ସଂଯୁକ୍ତା ବିଶ୍ୱାଳ, ରଶ୍ମିତା ମଳିକ, ସ୍ନେହଲତା ପାଳ, ପ୍ରବୀର କୁମାର ମଳିକ, ବିଦ୍ୟୁଲତା ସେଠୀ, ମମତା ସାମଲ, ମାନସ ପରିଡା, ରୁକ୍ମଣୀ ପରିଡା, ଗୋବର୍ଦ୍ଧନ ଦାସ, ମନୋରମା ବିଶ୍ୱାଳ ଓ ଲିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଂଚ ଶ୍ରୀମତୀ ରାଉତଙ୍କ ବିରୋଧରେ କୋଟି କୋଟି ଟଙ୍କା ଆତ୍ମସାତର ଅଭିଯୋଗ ଆଣିଛନ୍ତି ୧୭ଟି ୱାର୍ଡର ୱାର୍ଡସଭ୍ୟ/ସଭ୍ୟା । ଏମଜିଏନଆରଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବନିକରଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ବିନା କାର୍ଯ୍ୟରେ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଏଭଳିକି କୋଭିଡ ସମୟରେ ମଧ୍ୟ ସରପଂଚ କୌଣସି ୱାର୍ଡସଭ୍ୟ/ସଭ୍ୟାଙ୍କୁ ନଜଣାଇ ନିଜେ ସବୁ ନିମ୍ନମାନର ଉପକରଣ କିଣିଥିବା ଅଭିଯୋଗ ହୋଇଛି । ୨୧ଟି ୱାର୍ଡରେ ୮୦ଟି ନିମ୍ନମାନର ବିଦ୍ୟୁତ ବଲ୍ବ ଲଗାଯାଇଥିବା ବେଳେ ୧୫୦ଟି ବଲ୍ବ ଲାଗିଥିବା ଦର୍ଶାଇ ପ୍ରତ୍ୟେକ ବଲ୍ବର ଦାମ ୧୫ହଜାର ୫ଶହ ଟଙ୍କା ଲେଖାଁଏ ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସରପଂଚଙ୍କ ଏଭଳି ଏକଛତ୍ରବାଦ ନୀତି ବିରୋଧରେ ୱାର୍ଡସଭ୍ୟ/ସଭ୍ୟାମାନେ ବାଧ୍ୟ ହୋଇ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଥିବା କହିଛନ୍ତି । ଯଦି ସରକାରୀ ଆଇନ ଅନୁଯାଇ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେମାନେ ବାଧ୍ୟ ହୋଇ ସବୁଦିନ ପାଇଁ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।




୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

Bhubaneswar Saturday November 30 | ଭୁବନେଶ୍ୱର ଶନିବାର, ନଭେମ୍ବର ୩୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ୨୫ତମ ବୈଜ୍ଞାନିକ ଉପଦେଷ୍ଟା ସମିତି ବୈଠକ ଅନୁଷ୍ଠିତ




ଧର୍ମଗଡ଼(ପି.ଏନ): କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡିର ୨୫ ତମ ବୈଜ୍ଞାନିକ ଉପଦେଷ୍ଟା ସମିତି ବୈଠକ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଓ.ୟୁ.ଏ.ଟି. ର ସମ୍ପ୍ରସାରଣ ଶିକ୍ଷାରେ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜୀତ ମିଶ୍ର ଅନଲାଇନ ମାଧ୍ୟମରେ ଏହି ବୈଠକରେ ସାମିଲ ହୋଇ ଏହି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କୋଲକାତା ସ୍ଥିତ ଭାରତୀୟ କୃଷି ଓ ଗବେଷଣା ଅନୁସନ୍ଧାନ ଅନ୍ତର୍ଗତ କୃଷି ପ୍ରଦୋଷିକ ଅନୁପ୍ରୟୋଗ ଅନୁସନ୍ଧାନ ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ପ୍ରଫେସର କଲ୍ୟାଣ ସୁନ୍ଦର ଦାସ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ ଦେଇ ଜିଲ୍ଲାରେ ମତ୍ସ୍ୟଚାଷୀ ଓ କୁକୁଡା ପାଳନ କୁ ପ୍ରୋତ୍ସାହନ ଦେବା ସହ ପ୍ରାକୃତିକ କୃଷିକୁ ଲୋକପ୍ରିୟ କରାଇବା ପାଇଁ ପରାମର୍ଶ ଦେଇଥିଲେ । ଓ.ୟୁ.ଏ.ଟି. ସମ୍ପ୍ରସାରଣ ଶିକ୍ଷାର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପି.କେ. ମହାନ୍ତି ଏବଂ ଡେପୁଟି ନିର୍ଦ୍ଦେଶକ ଡଃ. ଅଜିତ ଫୋଙ୍ଗଲୋସା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡିର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ଅମିତାଭ ପଣ୍ଡା ଚଳିତ ବର୍ଷ ୨୦୨୪-୨୫ ପାଇଁ କେନ୍ଦ୍ରର ବାର୍ଷିକ ପ୍ରଗତି ତଥା ୨୦୨୫-୨୬ ର ବାର୍ଷିକ କାର୍ଯ୍ୟଖସଡା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଞ୍ଚଳିକ ଗବେଷଣା ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର କେନ୍ଦ୍ରର ମୁଖ୍ୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଜଳ ଛାୟା ପ୍ରକଳ୍ପର ନିର୍ଦ୍ଦେଶ, ଡି.ଡି.ଏମ. ନାବାର୍ଡ, ଆ।ଇ.ଆ।ଇ.ଏସ.ଡବ୍ଲ୍ୟୁ.ସି (ଆଇ.ସି.ଏ.ଆର.) ର ବୈଜ୍ଞାନିକ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ଏନ୍ ଜି ଓ, ର କର୍ମକର୍ତ୍ତା, କୃଷକ ଉତ୍ପାଦନ ସଂଘର ସଦସ୍ୟ, ଜିଲ୍ଲାର ଆଗଧାଡିର ସଫଳ କୃଷକ ଏବଂ କୃଷିଜୀବି ମହିଳା, ଦୂରଦର୍ଶନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାସ୍ତରର କୃଷକମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଅସୁବିଧା ଗୁଡିକ କିପରି ବୈଜ୍ଞାନିକ ପଦ୍ଧତିରେ ସମାଧାନ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯିବା ସହ ଜିଲ୍ଲାରେ ଜୈବିକ ତଥା ପ୍ରାକୃତିକ କୃଷି, ଉଦ୍ୟାନ କୃଷି, ଛତୁ ଚାଷ, ଜିଆଖତ, ସମ୍ମନିତ ମାଛ ଏବଂ ଧାନ ଚାଷ, ରୋଗପୋକ ପରିଚାଳନା, ଅଣୁସାର ପ୍ରୟୋଗ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବାର୍ଷିକ ସମାଚାର " କୃଷି କଳିକା" ଓ ଅନ୍ୟାନ୍ୟ କୃଷି ସମ୍ବନ୍ଧିୟ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୈଜ୍ଞାନିକ ତଥା ଅନ୍ୟାନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ,ବିନୋଦ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅଭିନବ ପଦକ୍ଷେପ



ବାଲେଶ୍ୱର,(ପି.ଏନ); ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସମାଜ ସେବା ବିଭାଗ ଓ ୟୁଥ ଫର ସୋସିଆଲ ଡେଭେଲପମେଣ୍ଟ (ୱାଇ.ଏସ.ଡି.) ଅନୁଷ୍ଠାନର ମିଳିତ ସହଯୋଗରେ ସମାଜ ସେବା ବିଭାଗର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ତିନିଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା ଅନୁମୋଦନ କ୍ରମେ ଏହି କର୍ମଶାଳାକୁ ଶ୍ରେଣୀଗୃହରେ ସୀମିତ ନରଖି ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ମର୍ଦ୍ଦରାଜପୁରରେ ଏକ ଅଂଶଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ ଅଭ୍ୟାସ ( ପିଆରଏ ଏକ୍ସରସାଇଜ) କାର୍ଯ୍ୟକ୍ରମ ସଂପାଦନ କରାଯାଇଥିଲା। ଏହି ତିନିଦିନିଆ କାର୍ଯ୍ୟକ୍ରମଟିବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।ୱାଇ.ଏସ.ଡି. ଅନୁଷ୍ଠାନର ସଂପାଦକ ବିଭୁପ୍ରସାଦ ସାହୁ, କର୍ମକର୍ତ୍ତା ଚନ୍ଦନ କୁମାର ସାହୁ ଓ ସୁଦୀପ କୁମାର ଚକ୍ରବର୍ତ୍ତୀଙ୍କ ଦ୍ୱାରା ଶିଶୁମାନଙ୍କ କଲ୍ୟାଣ ଓ ବିକାଶ ପାଇଁ ଗାଁ ରେ ଏକ ଅନୁକୂଳ ପରିବେଶ ଗଠନ କରାଯିବାର ଆବଶ୍ୟକତାକୁ ଅନୁଭବ କରି ଏକ ସଚେତନଶୀଳ ରଣନୀତିକ ଉପାୟଗୁଡିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସମସାମୟିକ ପ୍ରଣାଳୀଗତ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ଯଥା ପାଠପଢାରୁ ନିବୃତ୍ତ ରହିଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ସ୍କୁଲ ଯିବା ପାଇଁ ଉତ୍ସାହିତ କରିବା, ବାଲ୍ୟ ବିବାହକୁ ବିରୋଧ କରିବା, ସରକାରୀସ୍ତରରେ ଥିବା ଶିଶୁ ଅଧିକାର ଆଇନ ସମ୍ବନ୍ଧରେ ଅବଗତ କରିବା ଓ ନିଶାସେବନ ଆଦି ଅନ୍ୟାନ୍ୟ ଅସାମାଜିକ ଅଭ୍ୟାସକୁ ପରିତ୍ୟାଗ କରିବାରେ ଶିଶୁମାନଙ୍କୁ ସହାୟତାର ହାତ ବଢ଼ାଇବା ଇତ୍ୟାଦିର ପ୍ରଶିକ୍ଷଣ ଦିଆଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ସହ ସଖୀ-ସହେଲି, ସଖା-ବନ୍ଧୁ, ଅଙ୍ଗନୱାଡି କର୍ମଚାରୀ, ଆଶା କର୍ମଚାରୀ, କମ୍ୟୁନିଟି ହେଲଥ ଅଧିକାରୀ, ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, ପଞ୍ଚାୟତ ରାଜ ଅନୁଷ୍ଠାନ ସମେତ ପଞ୍ଚାୟତ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ହୋଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏହିପ୍ରକାର ସମାଜିକ ଦାୟିତ୍ୱବାନ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ଓ ସାହାଯ୍ୟ ପ୍ରଦାନ କରିଥିଲେ ।ଏହି ଅଭିନବ ପ୍ରୟାସ ଦ୍ୱାରା ଆଗାମୀଦିନରେ ମର୍ଦ୍ଦରାଜପୁର ପଞ୍ଚାୟତକୁ 'ଶିଶୁ ଅନୁକୂଳ ଇକୋ ପଞ୍ଚାୟତ' ନାମରେ ଘୋଷିତ କରାଯାଇପାରିବ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି। ବିଭାଗ ତରଫରୁ ଏହିପ୍ରକାର କାର୍ଯ୍ୟକ୍ରମର ଆୟୋଜନକୁ ନେଇ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମାଜ ସେବା ବିଭାଗର ସଂଯୋଜକ ଡ଼କ୍ଟର ଗ୍ରେସ ବି. ମୁଣ୍ଡ୍ ୱାଇ.ଏସ.ଡି. ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ବିଶେଷ ଧନ୍ୟବାଦ ଜଣାଇଛନ୍ତି।

# ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟର ଦ୍ୱାଦଶ ସମାରୋହ ପାଳିତ




ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ସ୍ଥିତ ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ (ଆଇଏମ୍ଆଇ) ପକ୍ଷରୁ ଏହାର ୧୨ତମ ଦରକ୍ଷାନ୍ତ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ସମାରୋହରେ ଯୋଗଦେଇ ଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ମୂଲ୍ୟବୋଧ ସାମାଜିକ ନେତୃତ୍ୱ ଏବଂ ଅମୃତ କାଳରେ ଭାରତର ଅଭିବୃଦ୍ଧି ବିଷୟରେ କହିଥିଲେକ୍ଷ ସେ ସୁଭଦ୍ରା ଯୋଜନାର ସଫଳତା ସହିତ ସରକାରଙ୍କ ସଫଳ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଆଇଏମଆଇ ର ସଫଳତା କୁ ପ୍ରସଂଶା ସହିତ ଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଶୁଭକାମନା ଦେଇଥିଲେ । ସମୃଦ୍ଧ ଓ ସଶକ୍ତ ଓଡିଶା ଗଠନରେ ଛାତ୍ରମାନଙ୍କ ଯୋଗଦାନ ପାଇଁ ମଧ୍ୟ ଆହ୍ୱାନ ଦେଇଥିଲେ ।ଶ୍ରୀ ସୁନିଲ ମିତ୍ରା , ବୋର୍ଡ ଅଫ ଗଭର୍ନରର ମେମ୍ବର ଏବଂ ପ୍ର. ହିମାଦ୍ରି ଦାସ, ମହାନିର୍ଦ୍ଦେଶକ ଏବଂ ନିର୍ଦ୍ଦେଶକ ପ୍ର. ପ୍ରତାପ ଚନ୍ଦ୍ର ବିଶ୍ୱାଳ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଆରମ୍ଭରେ ଭୁବନେଶ୍ୱର ଆଇଏମ୍ଆଇର ନିର୍ଦ୍ଦେଶକ ପ୍ରଫେସର ପିସି ବିଶ୍ୱାଳ, ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଏବଂ ବାର୍ଷିକ ଏକାଡେମିକ ରିପୋର୍ଟ ଉପସ୍ଥାପନ କରିଥିଲେ । ପ୍ରଫେସର ବିଶ୍ୱାଳ ଆଇଏମ୍ ?ଆଇ ଏନଆଇଅରଏଫ ବ୍ୟାଙ୍କ ୬୧ ହାସଲ କରି ଗତ ଏକ ବର୍ଷ ମଧ୍ୟରେ ଉପଲବ୍ଧ କରିଥିବା ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆସୋସିଏଶନ ଅଫ ଏମବିଏ ଦ୍ୱାରା ଅନ୍ତର୍ଜାତୀୟ ମାନ୍ୟତା ଏବଂ ଏନଏଏସି ଦ୍ୱାରା ସ୍ୱୀକୃତି ହାସଲ କରିବା ଆଇଏମ୍ ?ଆଇ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅନୁସନ୍ଧାନ ଏବଂ ପ୍ରକାଶନ ଦିଗରେ ଅଧ୍ୟାପକଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ଶିକ୍ଷାର୍ଥୀମାନେ ୧୦୦ ପ୍ରତିଶତ ପ୍ଲେସମେଣ୍ଟ ହାସଲ କରିଥିବାରୁ ସେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଆଇଏମ୍ ?ଆଇ ଉପରେ ବିଶ୍ୱାସ ପ୍ରକଟ କରିଥିବାରୁ ସେ ସମ୍ପୃକ୍ତ କମ୍ପାନୀଗୁଡିକୁ କୃତଜ୍ଞତା ଜଣାଇଥିଲେ। ପ୍ରଫେସର ହିମାଦ୍ରୀ ଦାସ ତାଙ୍କ ଅଭିଭାଷଣ ରେ ସ୍ନାତକୋତ୍ତର ଛାତ୍ରମାନଙ୍କୁ ଅନୁକମ୍ପା ଓ ସହଯୋଗ ଦ୍ୱାରା ଜଟିଳ ସମସ୍ୟା ର ସମାଧାନ ଆଉ ଅନିଶ୍ଚିତତା ର ମୁକାବିଲା କରିବା ପାଇଁ ଉପଦେଶ ଦେଇଥିଲେ। ଏକାଡେମିକ୍ ଉଜ୍ଜ୍ୱଳତା ପାଇଁ ସ୍ୱର୍ଣ୍ଣ ପଦକ ଏବଂ ରୌପ୍ୟ ପଦକ ମାନ୍ୟବର ମୁଖ୍ୟମନ୍ତ୍ରୀ ଯଥାକ୍ରମେ ଦିବ୍ୟାଂଶ ସିଂ ଏବଂ ଦୀପ୍ତି ସୋ ଙ୍କୁ ପ୍ରଦାନ କରିଥିଲେ। ଏଥିସହ ଦିବ୍ୟାଂଶ ସିଂ ଙ୍କୁ ଶ୍ରେଷ୍ଠ ଛାତ୍ର ହୋଇଥିବାରୁ ରାମ ପ୍ରସାଦ ଗୋଏଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ସାମଗ୍ରିକ ଅବଦାନ ପାଇଁ ତନମୟ ରଂଜନ ସାହୁଙ୍କୁ ନିର୍ଦ୍ଦେଶକ ପଦକ ପ୍ରଦାନ କରାଯାଇଥିଲା।

# ଖୋଲିଲା ଧାନ ମଣ୍ଡି ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ



ଧର୍ମଗଡ଼ (ପି.ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରୁ ନଭେମ୍ବର ୨୯ ତାରିଖଠାରୁ ପ୍ରଥମ ଧାନ କ୍ରୟ ଆରମ୍ଭ ହେବ। ଏନେଇ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେଇଥିବା ଦେଖିବାକୁ ମିଳିଛି । ବିଶେଷ କରି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଧାନ ମଣ୍ଡି ମାନଙ୍କରେ ବିଜୁଳି, ଭିତ୍ତିଭୂମି,ଆଶ୍ରୟ ସ୍ଥଳ,ଟୋକନ୍ ସମୟ ସୀମା, ଓଜନ ମେସିନର ଉପଲବ୍ଧି ଓ ଏହାଛଡା ବଡ଼ ମଣ୍ଡିମାନଙ୍କରେ ଶସ୍ୟ ବିଶ୍ଳେଷକ ଏବଂ ସମସ୍ତ ମଣ୍ଡିମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ରକୁ ନେଇ ସ୍ଥିତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ । ସୂଚନାମତେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଘୋଟିଆ ମଣ୍ଡିରେ ୩୦ତାରିଖରୁ ପ୍ରଥମ ଧାନ କ୍ରୟ ଆରମ୍ଭ ହେବ । ଏନେଇ କଳାହାଣ୍ଡି ଜିଲ୍ଲାପାଳ ଆଜି ସ୍ଥିତି ସମୀକ୍ଷା କରିଛନ୍ତି । ଏନେଇ ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ,ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୦୦/- ଟଙ୍କା ଓ ଇନ୍ସେନ୍ଟିଭ୍ ୮୦୦ ଟଙ୍କା ରଖାଯାଇଛି। ଚଳିତ ବର୍ଷ ସମସ୍ତ ମଣ୍ଡିରେ ଆପ ମାଧ୍ୟମରେ ଚାଷୀ ତାଙ୍କ ଅଭିଯୋଗ ଦାଖଲ କରି ପାରିବେ। ଯାହା କଳାହାଣ୍ଡି ଜିଲ୍ଲାପାଳ ତୁରନ୍ତ ଅଭିଯୋଗକୁ ଦେଖି ଏବଂ ଉପଯୁକ୍ତ ପଦକ୍ଷେପ ନେବେ । ଅନ୍ୟପଟେ ଚାଷୀଙ୍କ ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚାଷୀମାନେ କଟଣି ଛଟଣୀର ଶିକାର ନହେବା ପାଇଁ ବିଶେଷ ଧ୍ୟାନ ଦେବାକୁ କହିଛନ୍ତି ଜିଲ୍ଲାପାଳ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ସମେତ ଉପ ଜିଲ୍ଲାପାଳ ଧର୍ମଗଡ ଧିମାନ ଚକମା,ଗୋଲାମୁଣ୍ଡା ବିଡ଼ିଓ ଶ୍ରୀଧର ପଣ୍ଡା, ପେକ୍ସ କର୍ମଚାରୀ ଓ ଆରଏମସି ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray